# ଏକକ ୬ ପରିବେଶ ଅଧ୍ୟୟନ ଶିକ୍ଷାଦାନ-ଶିକ୍ଷଣ ନିମନ୍ତେ ପଦ୍ଧତି ସମୂହ

ସଂରଚନା


୬.୦ ଉପକ୍ରମ

୬.୧ ଶିକ୍ଷଣ ଉଦ୍ଦେଶ୍ୟ

୬.୨ ଏକ ଉପଯୁକ୍ତ ଶିକ୍ଷାଦାନ -ଶିକ୍ଷଣ ପଦ୍ଧତିର ଚୟନ

୬.୩ ପର୍ଯ୍ୟବେକ୍ଷଣ ପଦ୍ଧତି

୬.୩.୧ ପର୍ଯ୍ୟବେକ୍ଷଣ ପଦ୍ଧତିର ବ୍ୟବହାର

୬.୩.୨ ଉପାଦେୟତା ସମୂହ

୬.୪ ସର୍ଜନାତ୍ମକ ଅଭିବ୍ୟକ୍ତି

୬.୪.୧ ପରିବେଶ ଅଧ୍ୟୟନରେ ସର୍ଜନାତ୍ମକ ଅଭିବ୍ୟକ୍ତି

୬.୪.୨ ସର୍ଜନାତ୍ମକ ଅଭିବ୍ୟକ୍ତି ସହାୟତା ନିମନ୍ତେ ସୂଚନା

୬.୫ ଛୋଟ ଦଳଗତ ଆଲୋଚନା

୬.୫.୧ ଛୋଟ ଦଳଗତ ଆଲୋଚନା ପରିଚାଳନା କରିବାର ସୋପାନ

୬.୫.୨ ପରିବେଶ ଅଧ୍ୟୟନ ନିମନ୍ତେ ଉପଯୁକ୍ତତା

୬.୫.୩ ଫଳପ୍ରଦ ଦଳଗତ ଆଲୋଚନାକୁ ସହାୟତା କରିବା ।

୬.୬ ପରିବେଶ ପରିବେଶ ଅଧ୍ୟୟନ ପାଇଁ ପ୍ରକଳ୍ପ ସମୂହ

୬.୬.୧ ପ୍ରକଳ୍ପ ପଦ୍ଧତିର ସୋପାନ

୬.୬.୨ ପ୍ରକଳ୍ପର ଏକ ଉଦାହରଣ

୬.୬.୩ ପ୍ରକଳ୍ପ ପଦ୍ଧତିର ଉପାଦେୟତା

୬.୬.୪ ପ୍ରକଳ୍ପ ପଦ୍ଧତିର ସୀମିତତା

୬.୬.୫ ଶିକ୍ଷକଙ୍କ ଭୂମିକା

୬.୭ ଶିକ୍ଷଣ ପାଇଁ ପରିଦର୍ଶନ

୬.୭.୧ ଉଦାହରଣ -ବୃକ୍ଷ ଅଧ୍ୟୟନ ନିମନ୍ତେ ଏକ କ୍ଷେତ୍ର ପରିଭ୍ରମଣର ପରିଚାଳନା କରିବା

୬.୭.୨ ଶିକ୍ଷଣ ନିମନ୍ତେ ଏକ ସଫଳ ପରିଭ୍ରମଣର ସୋପାନ ସମୂହ

୬.୮ ପରିବେଶ ଅଧ୍ୟୟନ ଶିକ୍ଷାଦାନ-ଶିକ୍ଷଣ ନିମନ୍ତେ ପରୀକ୍ଷଣ

୬.୮.୧ ପରିବେଶ ଅଧ୍ୟୟନ ପାଇଁ ଉପଯୁକ୍ତତା

୬.୮.୨ ଆହ୍ୱାନ ସମୂହ

୬.୮.୩ ପରୀକ୍ଷଣର ଏକ ଉଦାହରଣ

୬.୯ ସମସ୍ୟା ସମାଧାନ

୬.୯.୧ ସମସ୍ୟା ସମାଧାନ ପଦ୍ଧତିର ସୋପାନ

୬.୯.୨ ପରିବେଶ ଶିକ୍ଷା ନିମନ୍ତେ ଉପାଦେୟତା

୬.୧୦ ସାରାଂଶ

୬.୧୧ ନିଜର ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୬.୧୨ ଅତିରିକ୍ତ ଅଧ୍ୟୟନ ନିମନ୍ତେ ପୁସ୍ତକ ସୂଚୀ

୬.୧୩ ପାଠାନ୍ତ ପ୍ରଶ୍ନାବଳୀ

ଟିପ୍ପଣୀ

### ୬.୦ ଉପକ୍ରମ

ପୂର୍ବ ଏକକରେ ତୁମେ ଶିକ୍ଷଣ-କାର୍ଯ୍ୟ ଭିତ୍ତିକ ଶିକ୍ଷଣ ଓ ସହଭାଗୀ ଶିକ୍ଷଣର କୌଶଳଗୁଡିକ ସଂପର୍କରେ ଏବଂ ପରିବେଶ ଅଧ୍ୟୟନ ଉଦ୍ଦେଶ୍ୟକୁ ବାସ୍ତବରେ ବୁଝିବା ପାଇଁ ସେଗୁଡ଼ିକର ଉପାଦେୟତା ସଂପର୍କରେ ଶିକ୍ଷାଲାଭ କରିଛ ।

ଏକ ଶିକ୍ଷଣ ପଦ୍ଧତିକୁ ଗୋଟିଏ ପ୍ରତ୍ୟୟ ସଂପର୍କରେ ଗଠନାତ୍ମକ ପ୍ରତିନଧିତ୍ୱ ବୋଲି ପରିକଳ୍ପନା କରାଯାଇପାରେ । ଏହାର ଭୂମିକା ଯେ କୌଣସି ଶିକ୍ଷଣ -ଶିକ୍ଷାଦାନ ପରିସ୍ଥିତିରେ ନିର୍ଣ୍ଣାୟକ, ଯେହେତୁ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ହାସଲ କରିବା ପ୍ରୟୋଗ ହୋଇଥିବା ଶିକ୍ଷାଦାନ ପଦ୍ଧତି ଉପରେ ନିର୍ଭର କରିଥାଏ । ଏହି ପରିପ୍ରେକ୍ଷୀରେ ଶିକ୍ଷାଦାନ ପଦ୍ଧତିଗୁଡ଼ିକୁ ଶ୍ରେଣୀ ପରିଚାଳନାର ଉପାୟ ଭାବେ ବିବେଚନା କରାଯାଏ । ପ୍ରତ୍ୟେକ ପଦ୍ଧତିର କିଛି ନା କିଛି ସୁବିଧା ଏବଂ ଦୋଷତ୍ରୁଟି ମାନ ରହିଥାଏ ।

ପରିବେଶ ଅଧ୍ୟୟନରେ ପଦ୍ଧତିଗୁଡିକ ଯେପରି ଅନୁଧ୍ୟାନ, ପ୍ରକଳ୍ପ, କ୍ଷେତ୍ର ପରିଭ୍ରମଣ, ଖେଳ, ମାନସ ମନ୍ଥନ, ପରୀକ୍ଷଣ, ଅନ୍ୱେଷଣ, ଇତ୍ୟାଦି ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାରେ, ଶିକ୍ଷାର୍ଥୀମାନଙ୍କର ଅଧିକତର ଅଂଶଗ୍ରହଣ (ପ୍ରତ୍ୟକ୍ଷଭାବେ ବା ପରୋକ୍ଷ)ରେ ଫଳପ୍ରଦ ସାବିତ ହୋଇଥାଏ । ଏହି ଏକକରେ ଏହି ପରି ସାତଟି ପଦ୍ଧତି ସଂପର୍କରେ ବିଶଦଭାବେ କୁହାଯାଇଛି ଏବଂ ସେଗୁଡ଼ିକୁ କିପରି ପରିବେଶ ଅଧ୍ୟୟନରେ ଫଳପ୍ରଦ ଶିକ୍ଷଣ ପରିସ୍ଥିତି ସୃଷ୍ଟି କରିବାରେ ବ୍ୟବହାର ହୋଇପାରୁଛି ସେ ବିଷୟରେ ମଧ୍ୟ ବର୍ଣ୍ଣନା କରାଯାଇଛି ।

### ୬.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକଟିର ପଠନ ପରେ, ତୁମେ -

- ପରିବେଶ ଅଧ୍ୟୟନର ଶିକ୍ଷାଦାନ ଶିକ୍ଷଣ ପାଇଁ ଉପଲବ୍ଧ ହେଉଥିବା ବିଭିନ୍ନ ପ୍ରକାର ଶିକ୍ଷାଦାନ ପଦ୍ଧତିକୁ ବର୍ଣ୍ଣନା କରିପାରିବ ।
- ପରିବେଶ ଅଧ୍ୟୟନର ଉପାଦେୟତା ଅନୁଯାୟୀ ନିମ୍ନଲିଖିତ ଶିକ୍ଷାଦାନ-ଶିକ୍ଷଣ ପଦ୍ଧତିକୁ ବ୍ୟବହାର କରିପାରିବ ।

(କ) ପର୍ଯ୍ୟବେକ୍ଷଣ

(ଖ) ସର୍ଜନାତ୍ମକ ପ୍ରକାଶ

(ଗ)କ୍ଷେତ୍ର ପରିଭ୍ରମଣ

(ଘ) ପ୍ରକଳ୍ପ

(ଙ) ଛୋଟଦଳ ଆଲୋଚନା

(ଚ) ପରୀକ୍ଷଣ, ଏବଂ

(ଛ) ସମସ୍ୟା ସମାଧାନ

### ୬.୨ ଏକ ଉପଯୁକ୍ତ ଶିକ୍ଷାଦାନ-ଶିକ୍ଷଣ ପଦ୍ଧତିର ଚୟନ

ଏହା କୁହାଯାଇଛି ଯେ, ଜଣେ ଫଳପ୍ରଦ ଶିକ୍ଷକ ଉପଯୁକ୍ତ ଭାବ ବିନିମୟ ନିମିତ୍ତ ସମର୍ଥ ହେବାରେ ଏକ ମିଶ୍ରିତ ପନ୍ଥା ବ୍ୟବହାର କରିବା ଉଚିତ୍ । ଉଦାହରଣ ସ୍ୱରୂପ-ଶିକ୍ଷାଦାନ ଶିକ୍ଷଣ ପଦ୍ଧତିଗୁଡ଼ିକ ଏକ ସମିଶ୍ରଣ । ଗୋଟିଏ ଉପଯୁକ୍ତ ପଦ୍ଧତିର ଚୟନ ଦୁଇଟି ମୁଖ୍ୟ କାରକ ଉପରେ ନିର୍ଭର କରିଥାଏ ।

• ଶ୍ରେଣୀରେ ଆଲୋଚିତ ଓ ପରିଚାଳିତ ହେଉଥିବା ପ୍ରସଙ୍ଗର ସ୍ୱରୂପ - ଜଣେ କାର୍ଯ୍ୟରତ ଶିକ୍ଷକ ଭାବରେ

ଆପଣ ନିଶ୍ଚିତ ଭାବେ ପସନ୍ଦ କରିବେ ଯେ ଶ୍ରେଣୀରେ ଆଲୋଚନା ହେବାକୁ ଥିବା ପ୍ରସଙ୍ଗଟିର ସ୍ୱରୂପ ଆଧାରରେ ଶିକ୍ଷକଙ୍କୁ ଉପଯୁକ୍ତ ଶିକ୍ଷାଦାନ-ଶିକ୍ଷଣ ପଦ୍ଧତିକୁ ଚୟନ କରିବାର ଆବଶ୍ୟକତା ଅଛି । ନିର୍ଦ୍ଦିଷ୍ଟ ବୈଜ୍ଞାନିକ ଶବ୍ଦର ସଂଜ୍ଞା ନିରୂପଣ କରିବାକୁ ଥିବା କେତେକ ପ୍ରସଙ୍ଗ କେବଳ ପୁଙ୍ଖାନୁପୁଙ୍ଖ ବା ପ୍ରାଞ୍ଜଳ ବ୍ୟାଖ୍ୟାକରଣ କରିବାର ଆବଶ୍ୟକତା ଥାଏ । ଏହି କ୍ଷେତ୍ରଗୁଡିକରେ ଏକ ଭାଷଣ / ବକ୍ତୃତା ଫଳପ୍ରଦ ସାବିତ ହୋଇପାରେ । ମାତ୍ର ଯେତେବେଳେ ତିନୋଟି ରାଜ୍ୟ ମଧ୍ୟରେ ଜଳ ଆବଣ୍ଟନ ଭଳି ପ୍ରସଙ୍ଗରେ ତୁମେ ନିଜର ଛାତ୍ରଛାତ୍ରୀଙ୍କୁ ବିଜ୍ଞାନଗାରକୁ ନେଇ ଏହା ପ୍ରଦର୍ଶନ କରିବାର ଆବଶ୍ୟକତା ଥାଏ, ସେହିପରି ସାମାଜିକ ବିଜ୍ଞାନରେ ଅନେକଗୁଡିଏ ପ୍ରତ୍ୟୟରେ ଧରି ନିଆଯାଉ ଋତୁ ଓ ଖାଦ୍ୟଚୟନ ପ୍ରତ୍ୟୟରେ ପିଲାମାନଙ୍କୁ ଏକ ପରିବା/ଫଳ ବଜାରକୁ ନିଆଯାଇ ସେମାନଙ୍କୁ ସ୍ୱ-ପର୍ଯ୍ୟବେକ୍ଷଣ କରିବା ଓ ଅନୁଧ୍ୟାନ କରିବା ଇତ୍ୟାଦିରେ ନିୟୋଜିତ କରିବାର ଆବଶ୍ୟକତା ରହିଛି ।

• ଦ୍ୱିତୀୟ ମୁଖ୍ୟକାରକ ହେଉଛି ତୁମେ ଶିକ୍ଷାଦାନ-ଶିକ୍ଷଣ ପଦ୍ଧତି ବାଛିବା /ଚୟନ କରିବା ସମୟରେ ତୁମ ଶିକ୍ଷାର୍ଥୀଙ୍କର ପସନ୍ଦର ଶିକ୍ଷଣ ଶୈଳୀ କେଉଁଟି । ସମସ୍ତ ଶିକ୍ଷାର୍ଥୀଙ୍କର ଭିନ୍ନଭିନ୍ନ ବୌଦ୍ଧିକ ଶକ୍ତି ଥାଏ । ସେମାନଙ୍କର ଚିନ୍ତନ ଏବଂ ଶିକ୍ଷଣ ମଧ୍ୟ ଭିନ୍ନ ଢଙ୍ଗରେ କରିଥାନ୍ତି । ଶିକ୍ଷଣ ଶୈଳୀର ଭିନ୍ନତା ଗୁଡିକୁ ବର୍ଗୀକରଣ କରିବାର ବିବିଧ ଉପାୟମାନ ଅଛି । କେତେକ ଶିକ୍ଷଣ ଶୈଳୀର ବର୍ଗୀକରଣ ଅନ୍ତର୍ଭୁକ୍ତ କରିଥାଏ :

-ବାମ ଓ ଦକ୍ଷିଣ ମସ୍ତିଷ୍କ ଚିନ୍ତନ ଯୁକ୍ତ ବ୍ୟକ୍ତି

-ଶ୍ରବଣ, ଦୃଷ୍ଟି ଓ ଶାରୀରିକ କାର୍ଯ୍ୟ ମାଧ୍ୟମରେ ଶିକ୍ଷା କରୁଥିବା ବ୍ୟକ୍ତି

-ରାଜନୀତି କ୍ଷେତ୍ରରେ ସକ୍ରିୟ କାର୍ଯ୍ୟାନୁଷ୍ଠାନ କରୁଥିବା ବ୍ୟକ୍ତି, ପ୍ରତିଫଳନାତ୍ମକ ଚିନ୍ତନଯୁକ୍ତ ବ୍ୟକ୍ତି, ତତ୍ତ୍ୱ ଉଦ୍ଭାବକ ଏବଂ ପରିମାଣବାଦ ବ୍ୟକ୍ତି

ପ୍ରତ୍ୟେକ ଶିକ୍ଷାର୍ଥୀର ଏକ ପସନ୍ଦିତା ଉପାୟ ରହିବା ଦରକାର ଯେଉଁଥିରେ ସେ ସୂଚନା ପ୍ରକ୍ରିୟାକରଣ କରିପାରିବ । ଜଣେ ଶିକ୍ଷକ ଭାବେ ତୁମର ମୁଖ୍ୟ ବିଚାର ହେଲା କେବଳ ଗୋଟିଏ ଶିକ୍ଷାଦାନ କୌଶଳ ଉପରେ ନିର୍ଭର କରିବା ନୁହେଁ । ଏହା ମନେରଖିବା ଗୁରୁତ୍ୱପୂର୍ଣ୍ଣ ଯେ ଶୁଣିକରି ଏବଂ ନୋଟ୍ ଲେଖିନେଇ କେତେକ ଶିକ୍ଷାର୍ଥୀ ଭଲଭାବେ ଶିଖିପାରିନଥାନ୍ତି । କେତେକ ଶିକ୍ଷାର୍ଥୀଙ୍କର ଅନ୍ୟ ଶିକ୍ଷାର୍ଥୀଙ୍କ ତୁଳନାରେ ସୀମିତ ମନଯୋଗୀ ରୁହନ୍ତି ଏବଂ ଶ୍ରେଣୀରେ ସେମାନେ ଶିକ୍ଷଣ କାର୍ଯ୍ୟକୁ ପସନ୍ଦ କରିପାରନ୍ତି । ଗୋଟିଏ ଉପଯୁକ୍ତ ଶିକ୍ଷାଦାନ ଶିକ୍ଷଣ ପଦ୍ଧତି ଚୟନ କରିବା ବେଳେ ପିଲା ଶିଖିବାର ବିଭିନ୍ନ ଉପାୟ ମଧ୍ୟରୁ ଗୋଟିକୁ ବାଛିବା କଷ୍ଟକର ।

ଏହି ଏକକର ପରବର୍ତ୍ତୀ ଭାଗରେ, ପରିବେଶ ଅଧ୍ୟୟନ ଶିକ୍ଷାଦାନ-ଶିକ୍ଷଣ ପାଇଁ ଆମେ କେତେକ ଉପଯୁକ୍ତ ପଦ୍ଧତି ବିଷୟରେ ଆଲୋଚନା କରିବା । ଉଦାହରଣ ସ୍ୱରୂପ- ପଦ୍ଧତିଗୁଡିକ ପରିବେଶ ଅଧ୍ୟୟନର ସ୍ୱରୂପ ଓ ଗୁଣାବଳୀ ଉପରେ ଆଧାରିତ ଓ ଏକ ମିଶ୍ରିତ ବିଭାଗ ରୂପେ ରହିଥାନ୍ତି- ବିଜ୍ଞାନ, ସାମାଜିକ ବିଜ୍ଞାନ ଏବଂ ପରିବେଶ ଶିକ୍ଷା ।

## ୬.୩ ପର୍ଯ୍ୟବେକ୍ଷଣ ପଦ୍ଧତି

ମଣିଷ ନିଜର ଚତୁଃପାର୍ଶ୍ୱରେ ଘଟୁଥିବା ଭୌତିକ ଓ ସାମାଜିକ ଘଟଣାବଳୀକୁ ଅନବରତ ପର୍ଯ୍ୟବେକ୍ଷଣ କରିଥାଏ । ଏହିପରି ପର୍ଯ୍ୟବେକ୍ଷଣ ପ୍ରକ୍ରିୟା ବିଶ୍ୱକୁ କେତେକ ବିଖ୍ୟାତ ବୈଜ୍ଞାନିକ ପ୍ରଦାନ କରିଥାଏ । ଆଇନ୍‌ଷ୍ଟାଇନ୍ ଚର୍ଚ୍ଚରେ ଥିବା ଘଣ୍ଟାକୁ ଲକ୍ଷ୍ୟକରି ଏବଂ ନିଜ କାର୍ଯ୍ୟସ୍ଥଳରେ ଟ୍ରାମରେ ବସି ବୁଲିବାକୁ ପର୍ଯ୍ୟବେକ୍ଷଣ କରି ଆପେକ୍ଷିକ ତତ୍ତ୍ୱକୁ ଉପସ୍ଥାପନା କରିଥିଲେ । ଜେମସ୍ ୱାଟ୍ ପର୍ଯ୍ୟବେକ୍ଷଣ ଦ୍ୱାରା ବାଷ୍ପ ଶକ୍ତିକୁ ଅନୁଭବ କରିଥିଲେ ଯାହା ତାଙ୍କୁ ବାଷ୍ପୀୟ ଇଞ୍ଜିନ୍ ଉଦ୍ଭାବନ କରିବାକୁ ପ୍ରେରିତ କରିଥିଲା । ତେଣୁ ପର୍ଯ୍ୟବେକ୍ଷଣ ହେଉଛି ଶିଖିବା ଓ ବୁଝିବାର ଆଧାର ।

ସେଥିପାଇଁ NCERT ଦ୍ୱାରା ପ୍ରକାଶିତ ପରିବେଶ ଶିକ୍ଷା ପୁସ୍ତକ ଗୁଡିକୁ ଯଥାଯଥ ଭାବେ 'ଚତୁଃପାର୍ଶ୍ୱକୁ ଦେଖିବା' ବୋଲି ନାମକରଣ କରାଯାଇଛି । ଏହା ସୂଚାଉଛି ଯେ ପରିବେଶ ଶିକ୍ଷା ହେଉଛି ବିଶ୍ୱର ଚତୁଃପାର୍ଶ୍ୱକୁ ପର୍ଯ୍ୟବେକ୍ଷଣ କରିବା, ଅନୁସନ୍ଧାନ କରିବା ଓ ଆବିଷ୍କାର କରିବା ।

ଏହା ମଧ୍ୟ କୁହାଯାଇଛି ଯେ ଶିଶୁ ଶିଖିବାର ଅନେକଗୁଡିଏ ଉପାୟରୁ ଗୋଟିଏ ଉପାୟ ହେଉଛି ପର୍ଯ୍ୟବେକ୍ଷଣ । ଚତୁଃପାର୍ଶ୍ୱର ବସ୍ତୁକୁ ପର୍ଯ୍ୟବେକ୍ଷଣ କରିବା, ବିଶ୍ଳେଷଣ କରିବା ଓ ସେହି ପର୍ଯ୍ୟବେକ୍ଷଣଗୁଡିକରୁ ଶିଖିବା ହେଉଛି ଜ୍ଞାନଗଠନ ଏବଂ ପୁର୍ନଗଠନର ମୁଖ୍ୟ ଯାହା ଜଣଙ୍କର ନିଜସ୍ୱ ଅଭିଜ୍ଞତା ସମୂହ ଉପରେ ପର୍ଯ୍ୟବେସିତ । ଭାଗ-୧ ରେ ଶିକ୍ଷଣର ମୌଳିକ ତତ୍ତ୍ୱ ସମୂହ ରୂପେ ତୁମେ ଏହାକୁ ପଢିଛ ଯାହା NCF 2005 ଗୁରୁତ୍ୱ ଆରୋପ କରିଛି ।

ଆସ ପରିବେଶ ଅଧ୍ୟୟନର ପର୍ଯ୍ୟବେକ୍ଷଣ ପଦ୍ଧତି ବ୍ୟବହାରର କେତେକ ଉଦାହରଣ ସଂପର୍କରେ ଆଲୋଚନା କରିବା ।

**ମୋ ପକ୍ଷୀ ବହି**

୧) ପିଲାମାନଙ୍କୁ ବାହାରକୁ ଯିବାକୁ ଦିଅ ଏବଂ ବିଭିନ୍ନ ପକ୍ଷୀଙ୍କୁ ପର୍ଯ୍ୟବେକ୍ଷଣ କରିବାକୁ କୁହ ଏବଂ ସେହି ପକ୍ଷୀଗୁଡିକର ରଂଗ, ଆକାର ଓ ବାହ୍ୟ ରୂପର ପର୍ଯ୍ୟବେକ୍ଷଣ କରି ତଥ୍ୟ ଲିପିବଦ୍ଧ କରିବାକୁ କୁହ ।

୨) ସେମାନଙ୍କୁ ଚଢେଇର ମୌଳିକ ବୈଶିଷ୍ଟ୍ୟଗୁଡିକୁ ଚିହ୍ନଟ କରିବାକୁ ଦିଅ । ଯେପରି :

- ଆକାର
- ରଂଗ
- ଥଣ୍ଟ
- ଶରୀର
- ବେକ
- ମୁଣ୍ଡ
- ପାଦ
- ଡେଣା
- ଲାଞ୍ଜ
- ବୈଶିଷ୍ଟ୍ୟ
- ଆଖି

୩) ସରଳ ଗଠନ ରେଖାଚିତ୍ରମାନ ବ୍ୟବହାର କରି ସେମାନେ କିପରି ଏହି ଭିନ୍ନ ଭିନ୍ନ ବୈଶିଷ୍ଟ୍ୟଗୁଡିକୁ ଅଙ୍କନ କରିପାରିବେ ତାହା ଶିକ୍ଷାର୍ଥୀମାନଙ୍କୁ ଶିଖାନ୍ତୁ ।

୪) ବର୍ତ୍ତମାନ ଶିକ୍ଷାର୍ଥୀମାନେ ପର୍ଯ୍ୟବେକ୍ଷଣ କରିଥିବା ପକ୍ଷୀମାନଙ୍କର ରେଖାଚିତ୍ର ଗଠନ ଢାଞ୍ଚା ବ୍ୟବହାର କରି ଅଙ୍କନ କରିବା ଉଚିତ୍ ।

୫) ଛାତ୍ରଛାତ୍ରୀମାନେ ରଂଗୀନ ପେନ୍‌ସିଲ୍‌ରେ ରେଖାଚିତ୍ରକୁ ରଂଗ ଦେବା ଉଚିତ୍ (ଚଢେଇଙ୍କର ରଂଗର ଯେତେ ସମ୍ଭବ ପାଖାପାଖି ରଂଗ)

୬)ଏହି ଚିତ୍ରଗୁଡିକୁ ଛାତ୍ରଛାତ୍ରୀମାନେ ଡ୍ରଇଁ ବୁକ୍ କିମ୍ବା ସ୍କ୍ରପ ବୁକ୍‌ରେ ଲଗାଇବା ଉଚିତ୍ ।

ଟିପ୍ପଣୀ

**ବୃକ୍ଷର ଜୀବନ**

ଉଦ୍ଦେଶ୍ୟ - ବୃକ୍ଷଗୁଡ଼ିକ ଏକ ସମୃଦ୍ଧ ଓ ଜଟିଳ ପ୍ରକାର ଜୀବନକୁ ଆଶ୍ରୟ ଦିଏ ସେ ବିଷୟରେ ଶିକ୍ଷାର୍ଥୀମାନେ ସଚେତନ ହେବେ ।

ପ୍ରଣାଳୀ - ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ନିଜ ପାଇଁ ଗୋଟିଏ ଗଛ ବାଛିବାକୁ କୁହନ୍ତୁ ଏବଂ ଏହାକୁ ତନ୍ନତନ୍ନ କରି ପର୍ଯ୍ୟବେକ୍ଷଣ କରିବାକୁ କୁହନ୍ତୁ । ଶିକ୍ଷାର୍ଥୀ ଗଛଟିର ବାହ୍ୟ ଆକାରର ଗୋଟିଏ ରେଖାଚିତ୍ର ଆଙ୍କିବା ଉଚିତ୍ । ସେମାନେ ସେହି ଗଛ ଉପରେ ବା ଚାରି ପାଖରେ ଯେଉଁ ଜୀବଗୁଡ଼ିକୁ ଦେଖିବାରେ ସମର୍ଥ ତାର ବିଶଦ ତଥ୍ୟ ଯଥା କେଉଁ ପ୍ରକାର ପକ୍ଷୀ, କୀଟପତଙ୍ଗ ଓ ଅନ୍ୟାନ୍ୟ ପ୍ରାଣୀ ଓ ଅନ୍ୟାନ୍ୟ ବୃକ୍ଷ ଯାହା ସେମାନେ ଗଛ ଉପରେ ଦେଖନ୍ତି ଓ ଅନ୍ୟ କେଉଁଠି ଆଦି ସବୁକୁ ଲେଖିବା ଉଚିତ୍ । ସେହି ଠାରେ କେତେ ସବୁ ଏହି ଜୀବ ଗଠିତ ହୋଇଛି ? କିଛି ଚଢେଇ ବସା ଦେଖିଛନ୍ତି କି ? ଚଢେଇ, ପଶୁ, କୀଟପତଙ୍ଗ ଏବଂ ଗଛମାନେ ସବୁ କ'ଣ କରୁଛନ୍ତି । ଛାତ୍ରଛାତ୍ରୀମାନେ ପର୍ଯ୍ୟବେକ୍ଷଣ କରିବା ପାଇଁ ଏକରୁ ଅଧିକ ଥର ଯିବେ ଓ ଗଛରେ ଓ ଗଛର ଚତୁଃପାଶ୍ୱରେ ଥିବା ଜୀବଗୁଡ଼ିକର ଜୀବନ ପ୍ରଣାଳୀ ବିଷୟରେ ଅନୁଧ୍ୟାନ କରିବେ । ସେଠାରୁ ଫେରି ଶ୍ରେଣୀଗୃହରେ ଉପସ୍ଥାପନା କରିବେ । କେଉଁ ଗଛରେ ଅଧିକ ପ୍ରକାରର ଜୀବଗୁଡ଼ିକ ବାସ କରୁଛନ୍ତି ଏବଂ କାହିଁକି ? ଛାତ୍ରଛାତ୍ରୀମାନଙ୍କୁ ବର୍ଷସାରା ଗୋଟିଏ ବୃକ୍ଷକୁ ପର୍ଯ୍ୟବେକ୍ଷଣ କରିବାପାଇଁ ଅଭିପ୍ରେରିତ କରିପାରନ୍ତି (ବିଭିନ୍ନ ଋତୁରେ) ଏବଂ ସେମାନେ ଖାତାରେ ଲେଖିବେ ଏବଂ ଫଟୋ ଉଠାଇବେ ।

**ବାଦଲ**

ଉଦ୍ଦେଶ୍ୟ - ଆକାଶରେ ବାଦଲର ଢାଞ୍ଚାକୁ ପର୍ଯ୍ୟବେକ୍ଷଣ କରିବା ।

ପ୍ରଣାଳୀ - ଏକ ମେଘୁଆ ଆକାଶରେ ଛାତ୍ରଛାତ୍ରୀଙ୍କୁ ବାହାରକୁ ନେଇ ଯାଆନ୍ତୁ ଏବଂ ସେମାନଙ୍କୁ ଆକାଶ ଓ ବାଦାଲକୁ ପର୍ଯ୍ୟବେକ୍ଷଣ କରିବାକୁ କୁହନ୍ତୁ । ବାଦଲର ଢାଞ୍ଚାକୁ ଆକାର, ଆକୃତି, ସେମାନଙ୍କର ଗତିକରୁଥିବା ଦିଗକୁ ସେମାନେ ନିଶ୍ଚିତ ପର୍ଯ୍ୟବେକ୍ଷଣ କରିବେ । ପ୍ରତ୍ୟେକ ଛାତ୍ରଛାତ୍ରୀ ଗୋଟିଏ ବାଦଲକୁ ବାଛି ତାର ରେଖାଚିତ୍ର ଅଙ୍କନ କରିବେ । ଶିକ୍ଷାର୍ଥୀ ଏହି ପରି ବାଦଲଗୁଡ଼ିକର ଭିନ୍ନଭିନ୍ନ ଚିତ୍ର ଅଙ୍କନ କରିବେ ଓ ଏହାର ଏକ ଆଲବମ୍ ପ୍ରସ୍ତୁତ କରିବେ ।

ଶିକ୍ଷାର୍ଥୀଙ୍କୁ ମେଘ ଥିବା ବାଦଲ ଓ ସାଧାରଣ ବାଦଲ ବିଷୟରେ କହିବାକୁ ବା ନିଜର ମତାମତ ପ୍ରକାଶ କରିବାକୁ ଉତ୍ସାହିତ କରନ୍ତୁ । କେଉଁ ଋତୁରେ ସେମାନେ ଆକାଶରେ ବାଦଲ ଭାସିବାର ଦେଖିଛନ୍ତି ? ଉପର ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସହିତ ତୁମେମାନେ ବିଭିନ୍ନ ପ୍ରକାର ବାଦଲ ବିଷୟରେ କଥାବର୍ତ୍ତା କରିପାରିବ । ବର୍ଷା ହେବ କି ନାହିଁ ଶିକ୍ଷାର୍ଥୀଙ୍କୁ ପୂର୍ବାନୁମାନ କରିବାକୁ କୁହନ୍ତୁ । ସମସ୍ତ ପୂର୍ବାନୁମାନଗୁଡ଼ିକୁ ଲିପିବଦ୍ଧ କରି ରଖିବାକୁ କୁହନ୍ତୁ । ଯାହାକୁ ବିଦ୍ୟାଳୟର ଅନ୍ୟମାନଙ୍କ ସହିତ ବିନିମୟ କରାଯାଇପାରେ ।

### ୬.୩.୧. ପର୍ଯ୍ୟବେକ୍ଷଣ ପଦ୍ଧତିର ବ୍ୟବହାର କରିବା

- ପର୍ଯ୍ୟବେକ୍ଷଣ ନିମନ୍ତେ ଯୋଜନା ଓ ପ୍ରସ୍ତୁତି କରିବା - ପର୍ଯ୍ୟବେକ୍ଷଣ ମାଧ୍ୟମରେ କେଉଁ ପ୍ରକାରର ପୃଷ୍ଠଭୂମି, କାର୍ଯ୍ୟାବଳୀ କିମ୍ବା ପାରିବେଶିକ ବିଶେଷତା ଗୁଡ଼ିକ ଆକଳନ କରିବାକୁ ଅଛି ।
- ପ୍ରକୃତ ପର୍ଯ୍ୟବେକ୍ଷଣ - ଉଦ୍ଦେଶ୍ୟ, ସମ୍ବଳର ଉପଲବ୍ଧତା ଏବଂ ପାରିବେଶିକ ପରିସ୍ଥିତି ଆଧାରରେ ପର୍ଯ୍ୟବେକ୍ଷଣ ନିମନ୍ତେ ସବୁଠାରୁ ଭଲ ପଦ୍ଧତି ଓ କୌଶଳ ବ୍ୟବହାର କରାଯିବା ଉଚିତ୍ ।
- ବିଶ୍ଳେଷଣ ଓ ବ୍ୟାଖ୍ୟାକରଣ - ଯାହା ପର୍ଯ୍ୟବେକ୍ଷଣ କରାଯାଇଛି ଓ ଲିପିବଦ୍ଧ କରାଯାଇଛି ସେଗୁଡ଼ିକର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରାଯାଇ ସେଥିରୁ ଅତ୍ୟାବଶ୍ୟକୀୟ ବାଖ୍ୟାକରଣ ହେବା ଆବଶ୍ୟକ ।

- ଫଳାଫଳର ସାଧାରଣୀକରଣ- ବ୍ୟାଖ୍ୟାକରଣ ପ୍ରସ୍ତୁତ ଏବଂ ଫଳାଫଳ ନିର୍ଣ୍ଣୟପରେ ତଥ୍ୟ ଗୁଡ଼ିକର ସାଧାରଣ ଧାରଣା, ତଥ୍ୟ ଓ ମୌଳିକ ନିୟମର ସ୍ଥାପନ କରାଯିବ ।

ପର୍ଯ୍ୟବେକ୍ଷଣ ପାଇଁ ବ୍ୟବହୃତ ହେଉଥିବା ସାଧନୀଗୁଡ଼ିକ ହେଲା - କାର୍ଯ୍ୟଫର୍ଦ୍ଦ, ଅନୁସୂଚୀ(ଫର୍ଦ୍ଦ), ତନଖି ତାଲିକା, ରେଟିଂ ସ୍କେଲ୍ ଏବଂ ସ୍କୋର କାର୍ଡ ।

### ୬.୩.୨. ସୁବିଧା

- ପିଲାମାନଙ୍କୁ ସେମାନଙ୍କର ପରିବେଶକୁ ଅନୁସନ୍ଧାନ କରିବାପାଇଁ ଉତ୍ସାହିତ କରିବା ।
- ପର୍ଯ୍ୟବେକ୍ଷଣ କୌଶଳ ବୃଦ୍ଧି କରିବା ।
- ଶିକ୍ଷାର୍ଥୀଙ୍କୁ ଦେଖିବା, ଚିନ୍ତାକରିବା ଏବଂ ସଂଯୋଗ ସ୍ଥାପନ କରିବା ପାଇଁ ଉତ୍ସାହିତ କରିବା ।
- ଶିକ୍ଷାର୍ଥୀମାନେ ସାମଞ୍ଜସ୍ୟ ଓ ପାର୍ଥକ୍ୟକୁ ଅନୁମାନ କରିବା ପାଇଁ ସମର୍ଥ ହେବେ ।
- ଆହାରିତ ଜ୍ଞାନ ବାସ୍ତବ ଏବଂ ନିର୍ଦ୍ଦିଷ୍ଟ ପରିସ୍ଥିତି ଓ ବସ୍ତୁରୁ ହୋଇଥାଏ ।
- ଶିକ୍ଷାର୍ଥୀଙ୍କୁ ସନ୍ତୁଷ୍ଟ କରିଥାଏ ଓ ଉତ୍ସୁକତାକୁ ବିକଶିତ କରିଥାଏ ।

### ନିଜ ଅଗ୍ରଗତିର ଆକଳନ -୧

କ) ପରିବେଶ ଅଧ୍ୟୟନ ଶିକ୍ଷାଦାନ -ଶିକ୍ଷଣ ପାଇଁ ପର୍ଯ୍ୟବେକ୍ଷଣକୁ ଏକ ପଦ୍ଧତି ରୂପେ ବ୍ୟବହାର କରିବାର ଦୁଇଟି ସୁବିଧା ଲେଖ ।

...................................................................................................................

...................................................................................................................

...................................................................................................................

ଖ) ଯଦି ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀଙ୍କ ପାଇଁ ପର୍ଯ୍ୟବେକ୍ଷଣ ପଦ୍ଧତି ବ୍ୟବହାର କରିବା ପାଇଁ ଯୋଜନା କରିଥାନ୍ତି ତେବେ ସେମାନେ କି କି ମୁଖ୍ୟ ପଦକ୍ଷେପ ନେବେ ବର୍ଣ୍ଣନା କର ।

...................................................................................................................

...................................................................................................................

...................................................................................................................

### ୬.୪. ସର୍ଜନାତ୍ମକ ଅଭିବ୍ୟକ୍ତି

ଡ୍ରଇଁ, ଚିତ୍ରାଙ୍କନ, କାଟିବା, ଅଠାଦେଇ ଯୋଡ଼ିବା /କିମ୍ବା ମଡେଲ ତିଆରି କରିବା ହେଉ, ସମସ୍ତ ପିଲାଙ୍କୁ ଯଦି ସୁଯୋଗ ଦିଆଯାଏ, ସେମାନେ ସମସ୍ତେ ସର୍ଜନା କରିବା ପାଇଁ ଭଲପାନ୍ତି ଏବଂ ସୃଜନଶୀଳ ହେବା କଳା ଅନେକ ସୁବିଧା ଆଣିଦେଇଥାଏ । ପିଲାମାନଙ୍କ ଦ୍ୱାରା ନୂତନତ୍ୱ ସହ ଯେ କୌଣସି ଅଭିବ୍ୟକ୍ତି ସର୍ଜନାତ୍ମକ ଅଭିବ୍ୟକ୍ତି ବା ପ୍ରକାଶନ ଅଟେ ।

ଦୃଶ୍ୟକଳା ଓ ଅଭିନୟ କଳାର ଏକ ଭରପୂର ପରିବେଶ ଦ୍ୱାରା ବାଳକବାଳିକା ମାନଙ୍କର ସୃଜନଶକ୍ତିର ପୋଷଣ ନିଷ୍ପତ୍ତି ସାହାଯ୍ୟ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି କୌଶଳ ତୁମ ଛାତ୍ରଛାତ୍ରୀଙ୍କୁ ଡ୍ରଇଂ, ଗୀତ, ନାଚ ଓ ଡ୍ରାମାରେ

ଟିପ୍ପଣୀ

ନିୟୋଜିତ କରି ରଖିବାକୁ ତୁମକୁ ସାହାଯ୍ୟ କରିବ । ତେଣୁ ତୁମେ ଏହିପରି ଶିକ୍ଷଣ କାର୍ଯ୍ୟ ସହ ପାଠ ଯୋଜନା ପ୍ରସ୍ତୁତ କରିବ ଯାହା ତୁମ ଶ୍ରେଣୀର ତରୁଣ ଶିକ୍ଷାର୍ଥୀଙ୍କର ପ୍ରକାଶ କରିବାର କୌଶଳ, ସୃଜନୀଶକ୍ତି ଏବଂ ଅଭିନବ ଚିନ୍ତନକୁ ପୋଷଣ କରିବ ।

ଏହି ବିଭାଗରେ ପରିବେଶ ଅଧ୍ୟୟନ ଶିକ୍ଷାଦାନ ଓ ଶିକ୍ଷଣର ଏକ ଅବିଚ୍ଛେଦ୍ୟ ଅଂଶ ଭାବେ ନାଚ, ସୃଜନଶୀଳ ଅଭିବ୍ୟକ୍ତି, ସୃଜନଶୀଳ ଲେଖାକୁ ପ୍ରସ୍ତୁତ କରି ତୁମେ ତୁମର ଶ୍ରେଣୀଗୃହର ଶିକ୍ଷଣ ଅଭିଜ୍ଞତାର ଅଭିବୃଦ୍ଧି ପାଇଁ ଉପାୟମାନ ବାହାର କରିପାରିବେ । ସର୍ଜନାତ୍ମକ ପ୍ରକାଶନ ଅନେକ ଉପାୟରେ କରାଯାଇପାରେ ।

- **ଲିଖନ** - ଛାତ୍ରଛାତ୍ରୀଙ୍କୁ କବିତା, ଗୀତ, ଡ୍ରାମା, ଗପ କିମ୍ବା ରଚନା ଏବଂ ଅନ୍ୟ ରସରୁ ସଂଗ୍ରହ କରିଥିବା ପ୍ରାସଙ୍ଗିକ ତଥ୍ୟଗୁଡିକର ସଂକଳନ କରିବାକୁ କୁହାଯାଇପାରେ ।

- **ଚିତ୍ର ଓ ଯାନ୍ତ୍ରିକ କଳା**- ଡ୍ରଇଁ କରିବା, ରଂଗଦେବା, ବିଭିନ୍ନ ପଦାର୍ଥ ବା ରଂଗୀନ କାଗଜ ଟୁକୁଡା ଅଠାରେ ଲଗାଇ ନୂଆ ଚିତ୍ର ପ୍ରସ୍ତୁତ କରିବା, କିମ୍ବା ଖୋଦନ କାମ ଫଟୋ ଉଠାଇବା, ବ୍ୟାନର, ପୋଷ୍ଟରର ଡିଜାଇନ୍ ବନାଇବା ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ ।

- **ସଙ୍ଗୀତ** - ପିଲାମାନେ ଗୀତ ଗାଆନ୍ତି ଯାହା ତାଙ୍କୁ ଅଭିପ୍ରେରିତ କରେ, ଶକ୍ତି ଦିଏ ଓ ସେମାନେ ନିଜ ପରିବେଶ ସହିତ ତାକୁ ଯୋଡିଥାନ୍ତି । ନିଜର ଭାବନାଗୁଡିକୁ ସହଜରେ ସଂଗୀତ ମାଧ୍ୟମରେ ଉପଯୁକ୍ତ ରୂପେ ପ୍ରକାଶ କରିଥାନ୍ତି ।

- **ଚାଲିଚଳନ ଓ ନାଚ** - ଅଣବାଚନିକ କଳା ବେଳେବେଳେ ଶିକ୍ଷାର୍ଥୀଙ୍କୁ ଯେଉଁ କଥାଗୁଡିକୁ ସେମାନେ ସାଧାରଣତଃ କହିପାରନ୍ତି ନାହିଁ, ସେହି ଚିନ୍ତାଗୁଡିକ ପରିପ୍ରକାଶ କରିବା ପାଇଁ ଉତ୍ସାହିତ କରିଥାଏ ।

- **କଣ୍ଢେଇନାଚ** - (ସୂତା ଦ୍ୱାରା ପରିଚାଳିତ ହେଉଥିବା ପୁତ୍ତଳିକା ) - ପରିବେଶ ସଂପର୍କୀତ ବାର୍ତ୍ତାର ପ୍ରଚାର ଏହି କଣ୍ଢେଇ / ପୁତ୍ତଳିକା ମାଧ୍ୟମରେ କରାଯାଏ । ଏଥି ନିମନ୍ତେ ତାଲିମ ଓ ସ୍ୱତନ୍ତ୍ର କୌଶଳ ଆବଶ୍ୟକ ହୋଇଥାଏ ।

**ସର୍ଜନାତ୍ମକ ପ୍ରକାଶନ ନିମନ୍ତେ କେତେକ ଭାବନା**

କବିତା ପଠନ ଓ ଲିଖନ

ପୋଷ୍ଟର, କୋଲେଜ୍ ଓ ବିଜ୍ଞାପନ ଇତ୍ୟାଦିର ପ୍ରସ୍ତୁତିକରଣ

ଦୃଶ୍ୟକଳା- ଡ୍ରାମା, ନାଟକ, ଓ ବ୍ୟଙ୍ଗ ନାଟକ ଇତ୍ୟାଦି

ନମୂନା ପ୍ରସ୍ତୁତିକରଣ

ସୂତାଦ୍ୱାରା ପରିଚାଳିତ ହୋଇପାରୁଥିବା ପୁତ୍ତଳିକା ।

### ୬.୪.୧. ପରିବେଶ ଶିକ୍ଷାରେ ସର୍ଜନାତ୍ମକ ପ୍ରକାଶନ

ସୃଜନଶୀଳ ଶିକ୍ଷଣକୁ ଉଦ୍ଦୀପତ କରେ- ସାମାଜିକ ଗଠନାତ୍ମକ ସିଦ୍ଧାନ୍ତ ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ଏବଂ ପରିବେଶ ଅଧ୍ୟୟନ ପାଠ୍ୟକ୍ରମର ଆଧାର ବୋଲି ତୁମେ ଜାଣିସାରିଲଣି ଏବଂ ଯେତେବେଳେ ଶିକ୍ଷାର୍ଥୀ ସ୍ୱାଧୀନ ଓ ସୃଜନଶୀଳ ଭାବେ ଚିନ୍ତା କରିବାକୁ ଅଭିପ୍ରେରିତ କରାଯାଇଥାଏ, ସେମାନେ ନିଜ ପାଇଁ ଉଦ୍ଭାବନ କରିବାକୁ ଅଧିକ ଆଗ୍ରହୀ ହୁଅନ୍ତି, ଅଧିକ ଉତ୍ସାହିତ ଭାବେ ନୂଆ ଧାରଣା ଏବଂ ଅନ୍ୟମାନଙ୍କ ସହିତ କାମ କରି ନୂତନ ଧାରଣ ବାହାର କରିବାକୁ ଆଗ୍ରହୀ ହୁଅନ୍ତି । ଏହିପରି ଭାବେ ଅନ୍ୟ ପନ୍ଥା ସହିତ ସର୍ଜନାତ୍ମକ ପ୍ରକାଶନର ଉତ୍ତମ ମିଶ୍ରଣକୁ ଅଭ୍ୟାସ କରି ତୁମେ ଶିକ୍ଷାର୍ଥୀଙ୍କୁ ବିକ୍ଷିପ୍ତ ଚିନ୍ତନ ପାଇଁ ଉତ୍ସାହିତ କରିପାରିବ । ବିକ୍ଷିପ୍ତ ଚିନ୍ତନ

ଟିପ୍ପଣୀ

ପ୍ରକ୍ରିୟା ପିଲାମାନଙ୍କ ମନରେ ସୃଜନଶୀଳ ଭାବନାକୁ କରାଇବା ଉତ୍ସାହିତ କରେ ।

**ସାମାଜିକ ,ସାଂସ୍କୃତିକ ଏବଂ ପରିବେଶର ସମସ୍ୟା ଆଧାରରେ ସୃଜନଶୀଳତା**

ପ୍ରତ୍ୟେକ ବ୍ୟକ୍ତି ସମାଜ ରୂପାନ୍ତରିତ କରିପାରିବେ ଯଦି ସେମାନେ ଏକତ୍ର କାମ କରିବା ଏବଂ ନୂତନ ଧାରଣ ସୃଷ୍ଟି କରିବା ଶିଖନ୍ତି । ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଯୁବ ନାଗରିକମାନଙ୍କୁ ସମସ୍ୟା ସମାଧାନ ଓ ନିର୍ଣ୍ଣାୟକ ଚିନ୍ତନ କୌଶଳ ହାସଲ କରିଥିବା ନାଗରିକ ରୂପେ ଶିଖାଇବା ଓ ସହାୟତା କରିବା ଆବଶ୍ୟକ ।

ଜଣେ ଶିକ୍ଷକ ହିସାବରେ, ଶିକ୍ଷାର୍ଥୀମାନଙ୍କ ସମ୍ମୁଖରେ ବିଭିନ୍ନ ପ୍ରକାର ଶିକ୍ଷଣ ପରିସ୍ଥିତି ସୃଷ୍ଟିକରି ତରୁଣ ଶିକ୍ଷାଥୀମାନଙ୍କ ସୃଜନଶୀଳ ଶକ୍ତିର ପରିପ୍ରକାଶ କରିବା ତୁମର ଭୂମିକା ଅଟେ ।

**ପରିବର୍ତ୍ତନ ପରିଚାଳନା ନିମନ୍ତେ ସାମର୍ଥ୍ୟ ଅଭିବୃଦ୍ଧି କରେ ସୃଜନଶୀଳତା**

ଏହି ପାଠର ବ୍ଲକ-୧ ତୁମେ ଶିଖିଛ ଯେ ପୃଥିବୀ ଅନିଶ୍ଚିତତା ଓ ଜଟିଳ ଦିଗରେ ଗତି କରୁଛି । ତେଣୁ ଆଜିର ପିଲାମାନଙ୍କୁ ଏପରି ପ୍ରସ୍ତୁତ କରିବାକୁ ହେବ ଯେପରି ସେମାନେ ଭବିଷ୍ୟତରେ ନିଷ୍ପତ୍ତି ନେଇପାରିବେ । ସେମାନେ କେବଳ ବିପଦକୁ ସାମ୍ନା କରିବେନି ସେମାନେ ମଧ୍ୟ ବିଜ୍ଞ ନିଷ୍ପତ୍ତି ନେଇ ପାରିବେ ଏବଂ ଉପଲବ୍ଧ ସୁବିଧା, ଆହ୍ୱାନ ଓ ଦାୟିତ୍ୱକୁ ସକରାତ୍ମକ ଭାବେ ଗ୍ରହଣ କରିବେ । ବିପଦକୁ ପରିଚାଳନା କରିବା ଏବଂ ପରିବର୍ତ୍ତନ ଓ ପ୍ରତିକୂଳ ଅବସ୍ଥା ସହ ଖାପଖୁଆଇ ଚଳିବାରେ ପିଲାମାନେ ସୃଜନଶୀଳତା ଆବଶ୍ୟକ କରନ୍ତି । ଜଣେ ଶିକ୍ଷକ ଭାବେ ତୁମ ଶ୍ରେଣୀରେ ସୃଜନୀଶୀଳ ଅଭିବ୍ୟକ୍ତିର କୌଶଳମାନ ବ୍ୟବହାର କରି ସେମାନଙ୍କୁ ଏହି ସୁବିଧାମାନ ପ୍ରଦାନ କରିବା ତୁମର ଭୂମିକା ଅଟେ ।

ଶିକ୍ଷାର୍ଥୀମାନଙ୍କ କ୍ଷେତ୍ର / ପରିସରର ବିକାଶରେ ସୃଜନଶୀଳ ଅଭିବ୍ୟକ୍ତି ସମୂହ ଅତ୍ୟନ୍ତ ଉପଯୋଗୀ ହୋଇପାରିବ । ଶିକ୍ଷାର୍ଥୀମାନଙ୍କର ଭାବନାତ୍ମକ ପରିସର ବୃଦ୍ଧି କରିବାରେ ସୃଜନଶୀଳତା ଫଳପ୍ରଦଭାବେ କାର୍ଯ୍ୟ କରିଥାଏ । ଗୋଟିଏ ସମାଜ ଯେଉଁଠାରେ ବିଭିନ୍ନତାକୁ ସମ୍ମାନ ଦିଆଯାଏ, ଏକାଧିକ ଭାବନା ଓ ମତାମତକୁ ଉତ୍ସାହିତ କରାଯାଏ, ସେଠାରେ ନୂତନ ପ୍ରତିକ୍ରିୟା, ସଦ୍ୟ ଯୋଗାଯୋଗ ଓ ସହଭାଗୀତା ପ୍ରତି ପ୍ରତିକ୍ରିୟାଶୀଳ ବ୍ୟକ୍ତିମାନଙ୍କୁ ସୃଷ୍ଟି କରାଯାଇପାରିବ । ତେଣୁ ଏହାର ଶୈକ୍ଷିକ ଉପାଦେୟତା ଗୁରୁତ୍ୱପୂର୍ଣ୍ଣ ଅଟେ ।

ଜଣେ ଶିକ୍ଷକ ହିସାବରେ ତୁମେ ସରଳ ଭାବେ ସୃଜନଶୀଳତାକୁ ନିଜର ଅଭିବ୍ୟକ୍ତି ଭାବି ଗ୍ରହଣ କରିନେବାର ଧାରଣା ବାହାରକୁ ଯିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଶ୍ରେଣୀରେ ସୃଜନଶକ୍ତିକୁ ଶିକ୍ଷାର୍ଥୀର ମୁକ୍ତ କାର୍ଯ୍ୟକୁ ସଂପାଦନ କରିବାର ପରିସରଠାରୁ ବିସ୍ତୃତ ବୋଲି ବୁଝିବାର ଦରକାର । ଶିକ୍ଷକ ଏହି ସୃଜନଶକ୍ତିକୁ ଏକ ଭରପୂର ଏବଂ ଶୃଙ୍ଖଳିତ ଅନୁସନ୍ଧାନ ରୂପେ ବିବେଚିତ କରିବା ଆବଶ୍ୟକ, ଯାହା ଧାରଣାର ଫଳପ୍ରଦ ଭାବ ବିନିମୟ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ ।

ସେହିପରି ସାଧନ ଓ ସାମଗ୍ରୀ ଯାହା ସୃଜନଶୀଳ ଅଭିବ୍ୟକ୍ତିଗୁଡ଼ିକୁ ସହାୟତା କରେ ତାହା ସୃଜନଶୀଳ କଳା (ରଙ୍ଗ ଚିତ୍ର, କାଗଜ, ମାର୍କର, ଅଠା, ବ୍ରସ୍) ଠାରୁ ବିସ୍ତୃତ ହୋଇ ମାଟି, ପ୍ରାକୃତିକ ବସ୍ତୁ, ତନ୍ତୁ, ଅଭିନିତ ନାଟକ, ବାଦ୍ୟଯନ୍ତ୍ର, ପ୍ରକୃତ ଜୀବନାବଳୀ ଘଟଣା ଏବଂ ନାଟକ ପ୍ରଭୃତିର ସଂକ୍ଷିପ୍ତ ରୂପରେଖ ଇତ୍ୟାଦିକୁ ଅନ୍ତର୍ଭୁକ୍ତ କରିଥାଏ ।

ପରିବେଶ ଅଧ୍ୟୟନ ନିମିତ୍ତ ସୃଜନଶୀଳ ଅଭିବ୍ୟକ୍ତକୁ ବ୍ୟବହାର କରି ନିମ୍ନରେ କେତେକ ଉଦାହରଣ ପ୍ରଦତ୍ତ କରାଯାଇଛି ।

ଚପଲ(ମୁଦ୍ରାଙ୍କ) ଷ୍ଟାମ୍ପ

କେତେକ ଜିନିଷ ଯେଉଁଗୁଡ଼ିକ ଆମେ ବ୍ୟବହାରର ବାହାରେ ବୋଲି ଭାବିଥାଉ, ଯଥା- ଛିଣ୍ଡା ଚପଲ,

ମୋଜା, ପ୍ଲାଷ୍ଟିକ ଡବା ଇତ୍ୟାଦି ଯେଉଁଗୁଡିକ ହସ୍ତଶିଳ୍ପ କାରିଗରୀ ପାଇଁ ବ୍ୟବହାର କରାଯାଇପାରିବ । ପିଲାମାନଙ୍କ ସୃଜନଶକ୍ତି ଆଧାରିତ, ଉଦାହରଣ ସ୍ୱରୂପ-ପିଲାମାନେ ପୁରୁଣା ଚପଲର ରବର ଷ୍ଟାମ୍ପ ପ୍ରଭୃତି, ସେମାନେ ନିଜ ସୋପାନଗୁଡିକ ମାଧ୍ୟମରେ ବ୍ୟବହାର କରିପାରିବେ । ଶିକ୍ଷାର୍ଥୀମାନେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ବ୍ୟବହୃତ ଚପଲଗୁଡିକ ରୂପାନ୍ତରିତ ହୋଇପାରିବ ।

- ଅଦରକାରୀ ରବର ଚପଲକୁ ସଂଗ୍ରହ କର ।
- ଚପଲର ନିମ୍ନ ଅଂଶକୁ ଏକ ଚାରିକୋଣିଆ ବା ବର୍ଗାକାର ଆକୃତିରେ କାଟ ।
- ସେହି ଖଣ୍ଡଟିକୁ ସାବୁନ ଓ ପାଣିରେ ଭଲଭାବେ ସଫାକର ।
- ଦର୍ପଣରେ ଅକ୍ଷର ଯେପରି ଦିଶେ ତାର ଚିତ୍ର ବା ରେଖାଚିତ୍ର ଅଙ୍କନ କର କିମ୍ବା ତୁମେ ଯେଉଁ ଡିଜାଇନ୍ କରିବା ପାଇଁ ଚାହଁ, ତାହା ଅଙ୍କନ କର ।
- ପ୍ରଥମେ ବ୍ଲେଡ୍ କିମ୍ବା ଛୁରୀ ସାହାଯ୍ୟରେ ତାହାର ଧାରକୁ ଗଭୀର ଭାବେ କାଟ । ତାପରେ ଧାର ବାହାରେ ଥିବା ଅଂଶକୁ ଏପରି ଭାବେ କାଟ ଯେପରି ଡିଜାଇନ୍‌ଟି ଅଳ୍ପ ଉଠିକରି ରହିବ । କେବଳ ଯେଉଁ ଅଂଶଟିକୁ ଷ୍ଟାମ୍ପ ଭାବେ ବ୍ୟବହାର କରିବା ସେହି ଅଂଶଟି ଉପରକୁ ଉଠିକରି ରହିବ । ଅନ୍ୟ ଅଂଶଗୁଡିକୁ କାଟି ଦେବା ଉଚିତ୍ ।
- ଉଠିକରି ରହିଥିବା ଏହି ଅଂଶଟି ଉପରେ ରଙ୍ଗ କାଳି ଲଗାଇ ଦିଅ ଓ ଆବଶ୍ୟକୀୟ ସ୍ଥାନରେ ବ୍ୟବହାର କର ।

### ୬.୪.୨. ସର୍ଜନାତ୍ମକ ପ୍ରକାଶନର ସହାୟତା ନିମନ୍ତେ ସୂଚନା

- ଛୋଟ ଛୋଟ ଦଳରେ ସର୍ଜନାତ୍ମକ ପ୍ରକାଶନ ନିମନ୍ତେ ପ୍ରୋତ୍ସାହିତ କରନ୍ତୁ । ଏହା ପିଲାମାନଙ୍କୁ ସେମାନଙ୍କର ବାଧାକୁ ଅତିକ୍ରମ କରିବାରେ ସାହାଯ୍ୟ କରିବ ।
- ନିଜର ପସନ୍ଦ ମୁତାବକ ସୃଜନାତ୍ମକ ପ୍ରକାଶନକୁ ପ୍ରଦାନ କରନ୍ତୁ ଯଥା- ଦୃଶ୍ୟକଳା, ସୃଜନଶୀଳ ଡ୍ରାମା, ସଂଗୀତ କିମ୍ବା ପିଲାଙ୍କ କୌଶଳ ଓ ଆଗ୍ରହ ଅନୁଯାୟୀ ଚାଳନା ।
- ଦଳଗତ କାର୍ଯ୍ୟକୁ ଉତ୍ସାହିତ କରନ୍ତୁ ତଥାପି ପ୍ରତ୍ୟେକ ପିଲାଙ୍କୁ ବ୍ୟକ୍ତିଗତ ଧ୍ୟାନ ଦିଅନ୍ତୁ ।
- ଆତ୍ମବିଶ୍ୱାସ ଓ ସୃଜନଶୀଳ ଚିନ୍ତନ କୌଶଳର ସୃଷ୍ଟି ନିମନ୍ତେ ସାହାଯ୍ୟ କରନ୍ତୁ ।
- ଶ୍ରେଣୀରେ ପ୍ରତିଯୋଗୀ ଓ ଚିନ୍ତାଶୂନ୍ୟ ବାତାବରଣ ସୃଷ୍ଟି କରନ୍ତୁ ।
- ପିଲାମାନଙ୍କପାଇଁ କୌତୁକ ପୂର୍ଣ୍ଣ ଶିକ୍ଷଣ ପରିବେଶ ସୃଷ୍ଟି କରନ୍ତୁ ।

### ନିଜର ଅଗ୍ରଗତିକୁ ଆକଳନ -୨

କ) ପରିବେଶ ଅଧ୍ୟୟନ ଶିକ୍ଷାଦାନ-ଶିକ୍ଷଣ ପାଇଁ ସର୍ଜନାତ୍ମକ ପ୍ରକାଶନର ବ୍ୟବହାର କରିବାର ପ୍ରାସଙ୍ଗିକତା ପ୍ରତିପାଦନ କର ।

.................................................................................................................

.................................................................................................................

.................................................................................................................

## ୬.୫. ଛୋଟ ଦଳଗତ ଆଲୋଚନା

ଏକକ-୫ ରେ, ତୁମେ ସହଯୋଗୀ ଶିକ୍ଷଣ ସମ୍ବନ୍ଧରେ ଶିଖିଲ । ଦଳଗତ ଆଲୋଚନା ଏକ ପ୍ରକାର କୌଶଳ ଯାହା ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସହଯୋଗୀ ଶିକ୍ଷଣକୁ ସହାୟତା ପ୍ରଦାନ କରିପାରିବ । ଦଳଗତ ଆଲୋଚନା ବିଶ୍ଳେଷଣାତ୍ମକ ଓ ଭାବ ବିନିମୟ କୌଶଳର ବିକାଶ ନିମନ୍ତେ ଶିକ୍ଷାର୍ଥୀମାଙ୍କୁ ଶିକ୍ଷଣ ସୁଯୋଗ ଯୋଗାଇଥାଏ । ନାମ ଅନୁଯାୟୀ ଛୋଟ ଦଳ ଆଲୋଚନା ହେଉଛି ଦଳଗତ କାର୍ଯ୍ୟ ଯାହା ଶିକ୍ଷଣ କୌଶଳ ଭାବେ ବ୍ୟବହାର କରାଯାଏ ଏବଂ ସାଙ୍ଗସାଥୀ ମିଶି କାର୍ଯ୍ୟ କରୁଥିବାରୁ ଶିକ୍ଷାର୍ଥୀଙ୍କ ଶିକ୍ଷଣ ପ୍ରଭାବିତ ହୋଇଥାଏ ।

ଶିକ୍ଷାର୍ଥୀ ଛୋଟ ଛୋଟ ଦଳରେ ପରିବେଶଗତ ସମସ୍ୟାର ବିଭିନ୍ନ ଦିଗ ଉପରେ ନିଜେନିଜେ ଆଲୋଚନା କରିଥାନ୍ତି । ଜଣେ ଶିକ୍ଷକ ହିସାବରେ ତୁମେ ଏହି ପ୍ରକାର ଆଲୋଚନାକୁ ଉତ୍ସାହିତ କରିବା ଉଚିତ୍ ଯେପରି ସେମାନେ ସେମାନଙ୍କର ମତାମତ ଉପସ୍ଥାପନା କରିବେ, ଧାରଣାର ବିନିମୟ କରିବେ ଏବଂ ପରିବେଶ ସମ୍ବନ୍ଧୀୟ ଏକ ନିର୍ଦ୍ଦିଷ୍ଟ ସମସ୍ୟାର ସମାଧାନ କରିବେ । ପ୍ରତ୍ୟେକ ନିଜସ୍ୱ ଧାରଣା ବା ମତାମତ ଉପସ୍ଥାପନା କରିବା ସଂଗେ ସଂଗେ ଅନ୍ୟମାନେ ଦେଇଥିବା ମତାମତ ବିଷୟରେ ଭାବିବା ଉଚିତ୍ ମଧ୍ୟ । ଏହିପରି ଗୋଟିଏ ବିଷୟରେ ଅନେକ ପ୍ରକାରର ମତାମତକୁ ଜାଣିପାରିବେ । ଏହା ଶିକ୍ଷାର୍ଥୀଙ୍କୁ ଅନ୍ୟମାନଙ୍କୁ ସମ୍ମାନ ଦେବା ଶିଖାଇଥାଏ ଏବଂ ଶୁଣିବାର ସାମର୍ଥ୍ୟକୁ ତ୍ୱରାନ୍ୱିତ କରିଥାଏ । ଶିକ୍ଷାର୍ଥୀ ଏହିପରି ମତାମତ ବିନିମୟ କରିଥାନ୍ତି ଏବଂ ପ୍ରସ୍ତାବିତ ସମାଧାନ ଉପରେ ଆଲୋକପାତ କରିଥାନ୍ତି ।

ଛୋଟଦଳରେ ଆଲୋଚନା କରିବା କାର୍ଯ୍ୟ ଅନେକ ଶିକ୍ଷାର୍ଥୀଙ୍କୁ ଆନନ୍ଦ ଦେଇଥାଏ କାରଣ ଏଥିରେ ସାଙ୍ଗସାଥୀମାନଙ୍କ ଦ୍ୱାରା ଭାବ ବିନିମୟ ହୋଇଥାଏ, ସେମାନେ କ୍ରିୟା ପ୍ରତିକ୍ରିୟା କରିଥାନ୍ତି ଏବଂ ଏହା ଶିକ୍ଷାର୍ଥୀଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିଥାଏ । ଆଲୋଚନା ଫର୍ଦ୍ଦ ଶିକ୍ଷାର୍ଥୀଙ୍କୁ ଚିନ୍ତନର ବିକଳ୍ପର ଦିଗ ସଂପର୍କରେ ବିଶ୍ଳେଷଣ କରିବାକୁ ଉତ୍ସାହିତ କରେ । ଏହା ମଧ୍ୟ ଶିକ୍ଷାର୍ଥୀଙ୍କୁ ନିଜସ୍ୱ ଅନୁଭୂତିକୁ ଆବିଷ୍କାର କରିବା, ସେଗୁଡିକୁ ସମୀକ୍ଷା କରିବା ଏବଂ ନିର୍ଣ୍ଣାୟକ ଭାବେ ଚିନ୍ତା କରିବାକୁ ସାମର୍ଥ୍ୟ ପ୍ରଦାନ କରିଥାଏ ।

ଶିକ୍ଷାର୍ଥୀଙ୍କୁ ଛୋଟ ଛୋଟ ଦଳରେ ଫଳପ୍ରଦ ଭାବେ କାର୍ଯ୍ୟ କରିବାର ସାମର୍ଥ୍ୟ ପ୍ରଦାନ କରିବାପାଇଁ ଜଣେ ଶିକ୍ଷକ ହିସାବରେ ଆପଣଙ୍କ ଦ୍ୱୈତ-ଭୂମିକା ଉପରେ ସଚେତନ ହେବା ଆବଶ୍ୟକ । ଗୋଟିଏ ହେଉଛି ବିଷୟ ବିଶେଷଜ୍ଞ ଭାବେ ଏବଂ ଅନ୍ୟଟି ଦଳର ପରିଚାଳକଭାବେ ଏବଂ ଦଳଗତ କାର୍ଯ୍ୟପାଇଁ ଯୋଜନା ଉଭୟ ଯେପରି ପ୍ରସଙ୍ଗ/ପ୍ରତ୍ୟୟ ପୂରଣ ହେବ ଏବଂ ଯେପରି ଶିକ୍ଷଣ ଉଦ୍ଦେଶ୍ୟ ମଧ୍ୟ ସାଧିତ ହେଇପାରୁଥିବ ।

କେତେକ ବିଷୟବସ୍ତୁ ଯେଉଁଗୁଡିକ ଉପରେ ଛୋଟଛୋଟ ଦଳରେ ପରିଚାଳନା କରାଯାଇପାରେ -

- ସର୍କସ ପଶୁମାନଙ୍କ ପାଇଁ ନିଷ୍ଠୁର କି ?
- ବିଦ୍ୟାଳୟ କ୍ୟାଣ୍ଟିନରେ ଫାଷ୍ଟଫୁଡ୍ ଖାଦ୍ୟ ବିକ୍ରି ହେବା ଉଚିତ୍ କି ?
- ରାସ୍ତା କିମ୍ବା ପ୍ରମୋଦ ଉଦ୍ୟାନ - ଆମ ସହର କେଉଁଟିକୁ ଅଧିକ ଦରକାର କରେ ?

### ଗୁଣୁଗୁଣୁ ଶବ୍ଦ କରୁଥିବା ଦଳ

ଗୋଟିଏ ଶବ୍ଦ-ଦଳ ହେଲା ଛୋଟଦଳ, ଯେଉଁ ଥିରେ ୩ ରୁ ୬ ଜଣ ଥାଆନ୍ତି । ସେମାନଙ୍କୁ ଗୋଟିଏ ନର୍ଦ୍ଦିଷ୍ଟ ସମସ୍ୟା ଆଲୋଚନା କରିବାକୁ ଦିଆଯିବ ଏବଂ କିଛି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କାର୍ଯ୍ୟଟିକୁ ସମାପ୍ତ କରିବାକୁ କୁହାଯିବ । ସାଧାରଣତଃ ପ୍ରତ୍ୟେକ ଦଳ ତାର ଫଳାଫଳକୁ ଲିପିବଦ୍ଧ କରିବେ ଏବଂ ତାପରେ ବଡଦଳକୁ ତାହା ଜଣେଇବେ ।

### ୬.୫.୧. ଛୋଟ ଦଳଗତ ଆଲୋଚନା ସଂଗଠିତ କରିବାର ସୋପାନ ସମୂହ

- ଶିକ୍ଷକ ଶ୍ରେଣୀକୁ ଛୋଟ ଛୋଟ ଦଳରେ ଭାଗ କରିବେ, ପ୍ରାୟ ପ୍ରତ୍ୟେକ ଦଳରେ ୪ ରୁ ୬ ଜଣ ରହିବେ ।
- ଶିକ୍ଷକ ଗୋଟିଏ ସମସ୍ୟା / ଉକ୍ତି / ପ୍ରଶ୍ନ ଦଳଗୁଡିକ ପାଇଁ ଘୋଷଣା କରିବେ ।
- ଦଳଗୁଡିକୁ ଆଲୋଚନା ପାଇଁ ୧୦-୧୫ ମିନିଟ୍ ସମୟ ପ୍ରଦାନ କରାଯିବ ।
- ଦଳର ପ୍ରତ୍ୟେକ ସଦସ୍ୟ ପ୍ରସଙ୍ଗ ଉପରେ ନିଜର ମତ ବିନିମୟ କରିବେ, ତାପରେ ଦଳରେ ପ୍ରତ୍ୟେକ ଆଲୋଚନା କରିବେ, ଯୁକ୍ତିତର୍କ କରିବେ, ମତାମତରେ ପରିବର୍ତ୍ତନ କରିବେ ଇତ୍ୟାଦି ।
- ପ୍ରତ୍ୟେକ ଦଳ ସୃଷ୍ଟି ହୋଇଥିବା ମତାମତ, ଦିଗ, ଧାରଣାଗୁଡିକୁ ସମୀକ୍ଷା କରିବା, ସାରାଂଶ ନିର୍ଣ୍ଣୟ କରିବା ଏବଂ ସଂକ୍ଷେପଣ କରିବାକୁ କିଛି ସମୟ ଉପଯୋଗ କରନ୍ତି ।
- ପ୍ରତ୍ୟେକ ଦଳ ସମଗ୍ର ଶ୍ରେଣୀକୁ ସେମାନଙ୍କ ବିବରଣୀ ପ୍ରଦାନ କରିବେ ।

ଜଣେ ଶିକ୍ଷକ ହିସାବରେ ତୁମକୁ ଏହା ନିଶ୍ଚିତ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ ଯେ :

- ପ୍ରତ୍ୟେକ ଆଲୋଚନା ଉଦ୍ଦେଶ୍ୟ ଆଧାରିତ ଅଟେ, ଯଥା- ଏହାର ଶୈକ୍ଷିକ ଉଦ୍ଦେଶ୍ୟ ଅଛି ଯାହା ବିଷୟ ସହିତ ସଂଯୁକ୍ତ ।
- ପାଠଟି ଶ୍ରେଣୀ - ବୟସ, ଆଗ୍ରହ ଓ ସିଲାବସ୍ ଇତ୍ୟାଦି ଉପଯୋଗୀ ଅଟେ ।
- ପିଲାମାନେ ଆଲୋଚନାରେ ସଂକ୍ରିୟ ଭାଗ ନେବା ପାଇଁ ସେମାନଙ୍କ ପାଖରେ ପ୍ରସଙ୍ଗ ସଂପର୍କିତ ପର୍ଯ୍ୟାପ୍ତ ସୂଚନା ବା ତଥ୍ୟ ଥିବା ଆବଶ୍ୟକ ।
- ପିଲାମାନେ ସହଜବୋଧ କରୁଥିବା ଭାଷାରେ ସେମାନଙ୍କର ଭାବ ପ୍ରକାଶ କରିବାକୁ ସମର୍ଥ ।
- କୌଣସି ମତାମତ ବା ଦୃଷ୍ଟିକୋଣକୁ ଅସମାନିତ କରାଯିବ ନାହିଁ ବା ଏହାକୁ ନେଇ କେହି ହାରିବେ ନାହିଁ । ଶେଷରେ ବିଭିନ୍ନ ଦଳର କାର୍ଯ୍ୟକୁ ତୁମେ ସଂକ୍ଷେପଣ କରିବ ଓ ଶିକ୍ଷାର୍ଥୀମାନେ ସେମାନଙ୍କ ଶ୍ରେଣୀରେ ପଢୁଥିବା ପାଠ୍ୟ ପୁସ୍ତକର ପ୍ରସଙ୍ଗ ସହ ଏହାର ସଂଯୋଗ କରିବ ।

### ୬.୫.୨. ପରିବେଶ ନିମନ୍ତେ ଉପଯୁକ୍ତତା

• ପରିବେଶ ଅଧ୍ୟୟନ ଏକ ବହୁବିଷୟ ସମ୍ପନ୍ନ ଅଧ୍ୟୟନ ଅଟେ । ଗୋଟିଏ ସମସ୍ୟା ବା ବିଚାର ସଂପର୍କିତ ବିଷୟ ସୀମାକୁ ଭାଙ୍ଗିବାରେ ଦଳଗତ ଆଲୋଚନା ଫଳପ୍ରଦ ହୋଇଥାଏ । ଉଦାହରଣ ସ୍ୱରୂପ- ଏପରିକି ଯେତେବେଳେ ଆଲୋଚନାର ବିଷୟବସ୍ତୁ ବିଜ୍ଞାନ ଭିତ୍ତିକ/ ପ୍ରୟୋଗାତ୍ମକ ହେବ, ଯେପରି ମୃତ୍ତିକା, ଜଳ, ବାୟୁପ୍ରଦୂଷଣ, ସେତେବେଳେ ବିଷୟବସ୍ତୁ ସଂପର୍କିତ ସାମାଜିକ, ଆର୍ଥିକ କିମ୍ୱା ଏପରିକି ରାଜନୈତିକ ଦିଗଗୁଡିକ ଆଣିବାକୁ ଆଲୋଚନାଟି ସୁଯୋଗ ପ୍ରଦାନ କରିବ । ଏହିଭଳି ଦଳଗତ ଆଲୋଚନା ପରିବେଶ ଅଧ୍ୟୟନ ପାଇଁ ଉପଯୋଗୀ ଅଟେ ।

• ଜଟିଳ ସାମାଜିକ -ଆର୍ଥିକ ଏବଂ ପରିବେଶ ଗତ ଦୃଶ୍ୟ ପଟରୁ କୌଣସି ଗୋଟିଏ ପ୍ରକାରର ଉତ୍ତର ସମସ୍ତ ଉପଭୋକ୍ତାଙ୍କୁ ସନ୍ତୁଷ୍ଟ କରିପାରେ ନାହିଁ । ଜଣେ ବହୁବିଧ ସମ୍ଭାବନା ସୃଷ୍ଟି କରିବା ଦରକାର ଏବଂ ସମାଧାନ ପାଇଁ ବାକ୍ସ ବାହାରକୁ ଯାଇ (Out-of-the-box solution) ଚିନ୍ତା କରିବାକୁ ପଡିଥାଏ । ଦଳଗତ ଆଲୋଚନା ହିଁ ଏହାକୁ ସମ୍ଭବ କରିଥାଏ ।

• ଗୋଟିଏ ପ୍ରକାର ବିଚାର ପାଇଁ ବିଭିନ୍ନ ପ୍ରକାର ଦୃଷ୍ଟିକୋଣ ବିଶ୍ୱାସ, ଅଗ୍ରାଧିକରଣ, ସାଂସ୍କୃତିକ ଏବଂ ପ୍ରାସଙ୍ଗିକତା ଉପରେ ଆଧାରିତ ହୋଇ ସୃଷ୍ଟି ହୋଇଥାଏ । ପିଲାମାନେ ସମ୍ମାନ ଦେବାକୁ ଶିଖନ୍ତି ଓ ବିଭିନ୍ନତାକୁ ପସନ୍ଦ କରନ୍ତି ।

- ଏହିଭଳି ଶିକ୍ଷଣ ପ୍ରକ୍ରିୟା ବିକ୍ଷିପ୍ତ ଚିନ୍ତନ, ପ୍ରତିଫଳାନାତ୍ମକ ଚିନ୍ତନ ଓ ଶୁଣିବା ସାମର୍ଥ୍ୟ ଓ ପିଲାମାନଙ୍କ ମଧ୍ୟରେ ପାରସ୍ପରିକ ଦକ୍ଷତାର ବିକାଶ କରେ ।
- ଶ୍ରେଣୀରେ ବାସ୍ତବ ଜୀବନ ସ୍ଥିତିର ପ୍ରତିଫଳନ କରିବାରେ ସାହାଯ୍ୟ କରେ ।
- ସକରାତ୍ମକ ପାରସ୍ପରିକ ସଂପର୍କକୁ ଅନ୍ତର୍ନିବେଶ କରିବାରେ ସାହାଯ୍ୟ କରେ ।

ଶିକ୍ଷାର୍ଥୀଙ୍କ ମନରେ ବିଷୟ ପ୍ରତି କଠୋରତା ନଥାଏ । ଧୀରେଧୀରେ ସେମାନେ ପରିବେଶ ଅଧ୍ୟୟନର ଏକ ବିସ୍ତୃତ ପୃଷ୍ଠଭୂମିରୁ ବିଭିନ୍ନ ବିଷୟ ଭିତ୍ତିକ ପାଠେରୀର ବିକାଶ କରିବେ । ଦଳଗତ ଆଲୋଚନା ସେମାନଙ୍କୁ ଏକ ବିଷୟଭିତ୍ତିକ ମୁକ୍ତ କ୍ଷେତ୍ରରୁ ସେମାନଙ୍କ ମତାମତ ଦେବା ପାଇଁ ସୁଯୋଗ ପ୍ରଦାନ କରିଥାଏ ଏବଂ ଧୀରେ ଧୀରେ ସେମାନେ ବିଭିନ୍ନ ବିଷୟ ସୀମାର ଅବସ୍ଥିତି ସହିତ ପରିଚିତ ହୋଇଥାଆନ୍ତି ।

### ୬.୫.୩. ଫଳପ୍ରଦ ଦଳଗତ ଆଲୋଚନାକୁ ସହାୟତା କରିବା

- ମନେରଖ ତୁମେ ଜଣେ ସହାୟକ ଭୂମିକାରେ ଅଛ ।
- ଦଳର ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଦଳପତି ହେବାର ସୁଯୋଗ ପ୍ରଦାନ କର ।
- ଯେତେବେଳେ ଦଳ ଗଠନ କରୁଛ ଦଳର ଗଠନରେ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କର । (ପ୍ରତ୍ୟେକ ଦଳରେ ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱର ପିଲା ରହିପାରନ୍ତି)
- ଦଳର ଜଣେ ପରାମର୍ଶ ଦାତା ଭାବେ କାର୍ଯ୍ୟକର ଏବଂ ଶିକ୍ଷାର୍ଥୀମାନଙ୍କ ଚିନ୍ତନ ପାଇଁ ସାହାଯ୍ୟ, ପଥ ପ୍ରଦର୍ଶନ ଓ ପରିଚିତ କର ଏବଂ ନିଜର ଧାରଣାର ବିନିମୟ ପାଇଁ ସହାୟତା ପ୍ରଦାନ କର ।
- କାହିଁକି କିମ୍ବା କିପରି ପ୍ରଶ୍ନ ପଚାର ଏବଂ କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ ପାଇଁ ବର୍ଣ୍ଣନା କରିବାକୁ କୁହ ।
- ନୀରବତାକୁ ଭୟ କର ନାହିଁ । ଏହା ସବୁଠାରୁ ବଡ କଷ୍ଟକର କଥା ମାତ୍ର ଏହା ନିତାନ୍ତ ଆବଶ୍ୟକ ।
- ଅଂଶଗ୍ରହଣ ନିମନ୍ତେ ସକରାତ୍ମକ ପ୍ରତିପୁଷ୍ଟି ପ୍ରଦାନ କର । ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଅବଦାନ ପାଇଁ ଧନ୍ୟବାଦ ଦିଅ ।
- ଉଭୟ ପ୍ରକ୍ରିୟା ଏବଂ ପ୍ରସଙ୍ଗ (ପ୍ରତ୍ୟୟ)ର ପରିଚାଳନା କର । ଭଲ ଆଲୋଚନା ପ୍ରସଙ୍ଗ ପାଇଁ ଯେତିକି ଭଲ ପ୍ରକ୍ରିୟା ପାଇଁ ମଧ୍ୟ ସେତିକି ଉପାଦେୟ ।
- ପ୍ରତ୍ୟେକ ଅଧିବେଶନ ଶେଷରେ ସଂକ୍ଷେପଣ କର ।
- ମନେରଖ ଅଣବାଚନିକ ଭାବ ବିନିମୟ – ମୁଣ୍ଡ ଟୁଙ୍ଗାରିବା, ହସିବା ହେଉଛି ପିଲାମାନଙ୍କ ପାଇଁ ସକରାତ୍ମକ ବାର୍ତ୍ତା । ପିଲାମାନଙ୍କର ଅଣବାଚନିକ ସଙ୍କେତଗୁଡ଼ିକୁ ଦେଖନ୍ତୁ ।
- ଆଲୋଚନା, ଯେତେବେଳେ ଅନ୍ୟ ଶିକ୍ଷାଦାନ ପଦ୍ଧତି ସହ ମିଶି କରାଯିବ ସେତେବେଳେ ଏହା ଅଧିକ ଫଳପ୍ରଦ ହେବ ।

### ଦଳଗତ ଆଲୋଚନାର ସୀମିତତା ସମୂହ

ଦଳଗତ ଆଲୋଚନା ତତ୍‌କ୍ଷଣାତ୍ / ହଠତ୍ ସଂଗଠିତ ହୁଏ ନାହିଁ । ଜଣେ ଅଭିଜ୍ଞ ଶିକ୍ଷକଙ୍କୁ ଯତ୍ନର ସହିତ ଆଲୋଚନା ନିମନ୍ତେ ଯୋଜନା କରିବାକୁ ହେବ । ଆଲୋଚନାକୁ ସଫଳ କରିବାକୁ ଯାଇ ଛାତ୍ରଛାତ୍ରୀଙ୍କୁ ଟିକିନିକି ପ୍ରସ୍ତୁତି ଏବଂ କଠିନ ପରଶ୍ରମ କରିବାକୁ ହେବ । ଏହା ସମୟ ସାପେକ୍ଷ ଏବଂ ଉଚ୍ଚତର ମନଯୋଗ ଓ ଏକାଗ୍ରତା ଦରକାର କରେ ।

## ନିଜର ଅଗ୍ରଗତି ଆକଳନ - ୩

କ) ଶିକ୍ଷାଦାନ-ଶିକ୍ଷଣ ପଦ୍ଧତି ଭାବେ ଛୋଟ ଦଳଗତ ଆଲୋଚନାକୁ ବ୍ୟବହାର କରିବାର ସୁବିଧାଗୁଡିକ ଉଲ୍ଲେଖ କର ।

..........................................................................................

..........................................................................................

..........................................................................................

ଖ) ଛୋଟ ଦଳଗତ ଆଲୋଚନାଗୁଡିକୁ ଫଳପ୍ରଦ ସହାୟତା ଦେବାପାଇଁ ଯେକୌଣସି ୩ଟି ମୁଖ୍ୟ କୌଶଳ ସୂଚିତ କର ।

..........................................................................................

..........................................................................................

..........................................................................................

---

## ୬.୬. ପରିବେଶ ଅଧ୍ୟୟନ ପାଇଁ ପ୍ରକଳ୍ପ ସମୂହ

ଏକକ-୫ରେ ଆପଣମାନେ ଶିଖିଛନ୍ତି ଯେ ସହଭାଗୀ ଶିକ୍ଷଣ ହେଉଛି ଏକ ପ୍ରକ୍ରିୟା ଯେଉଁଥିରେ ଏକରୁ ଅଧିକ ଛାତ୍ରଛାତ୍ରୀ ଏକତ୍ର କାମକରି ଶିକ୍ଷାଲାଭ କରିଥାନ୍ତି । ପ୍ରକଳ୍ପ ମଧ୍ୟ ଏକ ଦଳଗତ କାର୍ଯ୍ୟ ଏବଂ ଏକ କାର୍ଯ୍ୟ ଯାହା ବାସ୍ତବ ଜୀବନରେ ଉପୁଜିଥିବା ସମସ୍ୟା ସମାଧାନ ପାଇଁ କରିବାକୁ ପଡିଥାଏ କିମ୍ବା ଅନୁଭବ କରାଯାଇଥିବା ସମସ୍ୟା ବା କେତେକ ଉଦ୍ଦେଶ୍ୟ ପୂର୍ଣ୍ଣକରୁଥିବା କାର୍ଯ୍ୟ ସମୂହ । ଏହା ଅନେକ ଗୁଡିଏ ବିବିଧ ଉପଯୋଗୀ କାମ ଅନ୍ତର୍ଭୁକ୍ତ କରେ ଏବଂ ବାସ୍ତବ ଜୀବନ ପରିସ୍ଥିତି ସାମାଜିକ ପରିବେଶ ଓ ପ୍ରାକୃତିକ ପରିସ୍ଥିତିରେ କାର୍ଯ୍ୟକାରୀ ହୋଇଥାଏ ।

- କିଲ୍‌ପ୍ରାଟିକ୍‌ଙ୍କ ମତରେ, ପ୍ରକଳ୍ପ ହେଉଛି ଏକ ଉଦ୍ଦେଶ୍ୟଭିତ୍ତିକ ହୃଦୟସ୍ପର୍ଶୀ ଶିକ୍ଷଣକାର୍ଯ୍ୟ ଯାହା ସାମାଜିକ ପରିସ୍ଥିତିରେ ଅଗ୍ରଗତି କରିଥାଏ । ପରିବେଶ ଅଧ୍ୟୟନ ପରିଚାଳନା ପାଇଁ ପ୍ରକଳ୍ପ ପଦ୍ଧତି ବ୍ୟବହାର କରିବାର କେତେକ ସୁବିଧା ହେଉଛି :

- ସେମାନଙ୍କ ପରିବେଶ ସଂପର୍କରେ ଶିଖିବାର ଏହ ଏକ ଶକ୍ତିଶାଳୀ ଉପାୟ । ପ୍ରକଳ୍ପ ପଦ୍ଧତିର ଶିକ୍ଷଣ ପିଲାମାନଙ୍କୁ ସେମାନେ ଯାହା ଶିଖିଥାନ୍ତି ତାହାକୁ ପ୍ରୟୋଗ ଓ ଅଭ୍ୟାସ କରିବାପାଇଁ ସୁଯୋଗ ପ୍ରଦାନ କରିଥାଏ । ଫଳତଃ ପ୍ରକଳ୍ପ ତତ୍ତ୍ୱ ଓ ଅଭ୍ୟାସ ମଧ୍ୟରେ ସମ୍ବନ୍ଧ ସ୍ଥାପନ କରିବାରେ ସାହାଯ୍ୟ କରେ ।
- ଏହା ଏକ ପଦ୍ଧତି ଯାହା ପିଲାମାନଙ୍କୁ ବିଭିନ୍ନ ବିଷୟ ମଧ୍ୟରେ ଥିବା ସମ୍ବନ୍ଧକୁ ଆବିଷ୍କାର କରିବାରେ ସାହାଯ୍ୟ କରେ, ଯାହା ପରିବେଶ ଅଧ୍ୟୟନ କ୍ଷେତ୍ର -ଏକ ସମିଶ୍ରିତ କ୍ଷେତ୍ରର ଅଧ୍ୟୟନରେ ଗୁରୁତ୍ୱପୂର୍ଣ୍ଣ ଅଟେ ।
- ଏହା ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବିଭିନ୍ନ ଦକ୍ଷତା ଓ କୌଶଳ ବୃଦ୍ଧି କରିବା ପାଇଁ ଶିକ୍ଷକଙ୍କୁ ସାମର୍ଥ୍ୟ ପ୍ରଦାନ କରିଥାଏ । ସେଗୁଡିକ ହେଲା -ଗବେଷଣା ବିଶ୍ଳେଷଣ, ବ୍ୟାଖ୍ୟାନ, ବ୍ୟକ୍ତିଗତ କୌଶଳ, ସମସ୍ୟା ସମାଧାନ, ସମ୍ବଳ ପରିଚାଳନା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦକ୍ଷତା ଯୋଜନା କରିବା ଓ ଏହାର କାର୍ଯ୍ୟକାରିତା ।
- ପିଲାମାନେ ସେମାନଙ୍କ ସାଧାରଣ ବାସ୍ତବ ଜୀବନ ସ୍ଥିତିରେ ଏକତ୍ର କାର୍ଯ୍ୟ କରିବାରେ ପ୍ରକଳ୍ପ ଅତ୍ୟନ୍ତ ଉପଯୋଗୀ ।

### ୬.୬.୧. ପ୍ରକଳ୍ପ ପଦ୍ଧତିର ସୋପାନ ସମୂହ

ପ୍ରକଳ୍ପ ଉଭୟ ବାହାର କାମ ଓ ଶ୍ରେଣୀଗୃହ କାର୍ଯ୍ୟ ଅର୍ନ୍ତଭୁକ୍ତ କରିଥାଏ । ହାସଲ କରିବାକୁ ଥିବା ଉଦ୍ଦେଶ୍ୟଗୁଡିକ ଉପରେ କୌଶଳ ନିର୍ଭର କରିଥାଏ । ଗୋଟିଏ ଭଲ ଯୋଜନାବଦ୍ଧ ପ୍ରକଳ୍ପ ସୁସଂଗଠିତ ଭାବେ ତିନୋଟି ସୋପାନ ଅନ୍ତର୍ଭୁକ୍ତ କରେ ।

**ପ୍ରାକ୍-କାର୍ଯ୍ୟ ସୋପାନ**

- ପ୍ରକଳ୍ପ କାର୍ଯ୍ୟଟିର ସମସ୍ୟା ଓ ଉଦ୍ଦେଶ୍ୟକୁ ସୂଚିତ କରିବା ।
- ଚିହ୍ନଟ କରାଯାଇଥିବା ପ୍ରକଳ୍ପର ବିଭିନ୍ନ ଦିଗ ଯଥା- ସମ୍ବଳ, ନ୍ୟସ୍ତ କାର୍ଯ୍ୟ, ବିପଦ/ ଆହ୍ୱାନ, ଫଳାଫଳ,ଏବଂ ବିବରଣୀ ଲିଖନ ଓ ପ୍ରକାଶନ ଆଦିକୁ ନିର୍ଦ୍ଧାରଣ ଓ ଯୋଜନା କରିବା ।
- ପ୍ରକଳ୍ପ ଦଳକୁ କାମ ଆରମ୍ଭ କରିବା – ସେମାନଙ୍କ ମଧ୍ୟରେ ସଂପର୍କ, ଭୂମିକା ଏବଂ କାର୍ଯ୍ୟ ।

**କାର୍ଯ୍ୟକାରୀ ସୋପାନ**

- ପ୍ରକଳ୍ପ ପାଇଁ ସମ୍ବଳ ଏବଂ ସାଧନୀର ଚିହ୍ନଟୀକରଣ
- ପ୍ରକଳ୍ପ ବିକାଶ ପାଇଁ ଯୋଜନା ଓ ପରିଚାଳନାଗତ ସବିଶେଷ ତଥ୍ୟକୁ କାର୍ଯ୍ୟକାରୀ କରିବା ଏବଂ ତଥ୍ୟ ସଂଗ୍ରହ ପାଇଁ ସାଧନୀ, ପ୍ରଶ୍ନୋତ୍ତର ଫର୍ଦ୍ଦ, ସାକ୍ଷାତକାର ଫର୍ଦ୍ଦ, ତନଖିତାଲିକା ଇତ୍ୟାଦି ପ୍ରସ୍ତୁତ କରିବା ।
- ବିଭିନ୍ନ ଶିକ୍ଷଣ କାର୍ଯ୍ୟ ଓ ନ୍ୟସ୍ତ କାର୍ଯ୍ୟଗୁଡିକୁ ଠିକ୍ ପର୍ଯ୍ୟାୟକ୍ରମେ ସଂପାଦନା କରିବା ।
- କାର୍ଯ୍ୟ କରିବାର କ୍ଷେତ୍ର/ ଅଂଚଳ ସମୂହ ଉପଭୋକ୍ତା ଦଳକୁ ଚିହ୍ନଟ କରିବା, ସାଧନୀକୁ ପ୍ରୟୋଗ କରିବା ଏବଂ ତଥ୍ୟସଂଗ୍ରହ କରିବା ପାଇଁ ସୂଚନା ଦେବା ।

**ପରବର୍ତ୍ତୀ କାର୍ଯ୍ୟ ସୋପାନ**

- ତଥ୍ୟ ଏକତ୍ରୀକରଣ, ବିଶ୍ଳେଷଣ ଏବଂ ବ୍ୟାଖ୍ୟାକରଣ ଏବଂ ଫଳାଫଳର ବିନିମୟ ।
- କ୍ରିୟାତ୍ମକ ଯୋଜନାର ପ୍ରସ୍ତୁତି ଓ କାର୍ଯ୍ୟକାରିତା – ସମସ୍ୟା ସମାଧାନ କରିବା ଦିଗରେ ଅଗ୍ରସର ।
- ଅନୁଭୂତି ଉପରେ ଆଲୋକପାତ ଓ ପ୍ରତିଫଳନ– ଶିକ୍ଷଣର ଲିପିବଦ୍ଧକରଣ ।

ଶିକ୍ଷକଙ୍କର ଭୂମିକା ସହାୟକ ଭୂମିକାକୁ ପରିବର୍ତ୍ତିତ ହୋଇଥାଏ । ଏହା ଶିକ୍ଷାର୍ଥୀଙ୍କୁ ବାସ୍ତବ ଅନୁଭୂତି ଏବଂ କାର୍ଯ୍ୟ ସଂପାଦନ କରିବାର ଧାରଣା ପ୍ରଦାନ କରିଥାଏ । ପ୍ରକଳ୍ପ ଚୟନ କରିବାରେ, ଯୋଜନା କରିବାରେ, ସଂପାଦନା କରିବାରେ ଏବଂ ମୂଲ୍ୟାୟନ କରିବାରେ ଏବଂ ଏହାକୁ ଏକ ଉଦ୍ଦେଶ୍ୟପୂର୍ଣ୍ଣ ଓ ଅର୍ଥପୂର୍ଣ୍ଣ ଶିକ୍ଷଣ ଅନୁଭୂତିରେ ପରିଣତ କରିବାରେ ଶିକ୍ଷକ ଛାତ୍ରଛାତ୍ରୀଙ୍କୁ ପଥ ପ୍ରଦର୍ଶନ କରିପାରିବେ ।

### ୬.୬.୨ ପ୍ରକଳ୍ପର ଏକ ଉଦାହରଣ

**ସ୍ୱଚ୍ଛତା ଅଭିଯାନ**

ତୁମର ପିଲାମାନେ ବିଦ୍ୟାଳୟକୁ ସଫାସୁତୁରା କରିବା ପାଇଁ ଗୋଟିଏ ଅଭିଯାନ ହାତକୁ ନେଇପାରିବେ । ଏହି କ୍ରିୟାତ୍ମକ ପ୍ରକଳ୍ପ ପାଇଁ ଫଳପ୍ରଦ ଓ ଉପଯୁକ୍ତ କୌଶଳର ଯୋଜନା ପ୍ରସ୍ତୁତ କରିବାରେ ତୁମେ ସେମାନଙ୍କୁ ମାର୍ଗ ଦର୍ଶନ କରାଇବା ଆବଶ୍ୟକ । ଛାତ୍ରଛାତ୍ରୀମାନଙ୍କର ଦଳଗୁଡିକ ଏକ ସପ୍ତାହ ପାଇଁ ବିଭିନ୍ନ ସ୍ଥାନ ପରିଦର୍ଶନ କରିବାକୁ ଯିବେ ଏବଂ ମିଳିଥିବା ଆବର୍ଜନା, ଏହାର ପରିମାଣ ଏବଂ କେଉଁଠାରେ ଏଗୁଡିକ ମିଳିଲା ତାହାର ଏକ ତାଲିକା କରିବେ । ଉଦାହରଣ ସ୍ୱରୂପ :



ଟିପ୍ପଣୀ

| ପ୍ରକାର | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| କାଗଜ | | | | | | |
| ପ୍ଲାଷ୍ଟିକ | | | | | | |
| ଖୋଳ | | | | | | |
| ଅଦରକାରୀ ଖାଦ୍ୟ ପଦାର୍ଥ | | | | | | |

ପେପର (କାଗଜ), ଖୋଳ ଏବଂ ପ୍ଲାଷ୍ଟିକକୁ ଫର୍ଦ୍ଦ ଅନୁସାରେ କିମ୍ବା ଖଣ୍ଡ ଅନୁସାରେ ଗଣା ଯାଇପାରିବ । ସପ୍ତାହର ଶେଷରେ, ଛାତ୍ରଛାତ୍ରୀମାନେ ତାଙ୍କର ତଥ୍ୟକୁ ସଂକଳନ କରିବେ ଏବଂ ଫଳାଫଳକୁ ଆଲୋଚନା କରିବେ ।

ଥରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାରର ବର୍ଜ୍ୟବସ୍ତୁ ସଂପର୍କରେ ସଚେତନ ହେଲେ ତାପରେ ସେମାନେ ବର୍ଜ୍ୟବସ୍ତୁର ଉପଯୁକ୍ତ ନିଷ୍କାସନ ଏବଂ ପୃଥକୀକରଣକୁ ଉତ୍ସାହିତ କରିବା ପାଇଁ ଏକ ପ୍ରକଳ୍ପ ଆରମ୍ଭ କରିପାରିବେ । ଶୁଷ୍କ ବର୍ଜ୍ୟବସ୍ତୁ ଯଥା କାଗଜ କିମ୍ବା ପ୍ଲାଷ୍ଟିକ, ସେମାନେ ଅଧକ୍ଷଙ୍କ ଅନୁମତି ନେବା ଆବଶ୍ୟକ ଯେ ବର୍ଜ୍ୟବସ୍ତୁର ନିଷ୍କାସନ ହେବା ପର୍ଯ୍ୟନ୍ତ ଅଲଗା କରାଯାଇଥିବା ଅଦରକାରୀକୁ ଗୋଟିଏ ସ୍ଥାନରେ ରଖାଯାଇପାରେ । ସଂରକ୍ଷଣ ସ୍ଥାନର ଉପଲବ୍ଧତା ଅନୁଯାୟୀ ସେମାନେ ନିଷ୍କାସନ କରିବାର ବ୍ୟବଧାନ ନିଜର ଯୋଜନା କରିପାରିବେ ।

ଛାତ୍ରଛାତ୍ରୀମାନେ ବ୍ୟବହୃତ କାର୍ଡବୋର୍ଡରୁ ବିଭିନ୍ନ ପ୍ରକାରର ବର୍ଜ୍ୟବସ୍ତୁ ପାଇଁ ଭିନ୍ନଭିନ୍ନ ପ୍ରକାରର ଡଷ୍ଟବିନ୍ ତିଆରି କରିପାରିବେ । ଡଷ୍ଟବିନ୍ ଗୁଡିକରେ ଯେଉଁ ପ୍ରକାରର ବର୍ଜ୍ୟବସ୍ତୁ ରଖାଯିବ ସେହି ଡଷ୍ଟବିନ୍‌ରେ ସେହି ନାମ ଲେଖାହେବ ଯଥା- ବ୍ୟବହୃତ ଖାତାକାଗଜ, ଚାଟ କାଗଜ, ବ୍ୟବହୃତ ପ୍ଲାଷ୍ଟିକ ବ୍ୟାଗ୍ ଇତ୍ୟାଦି । ଏହି ବାକ୍ସଗୁଡିକ ପ୍ରତ୍ୟେକ ଶ୍ରେଣୀଗୃହ ଏବଂ ଅଫିସ୍ କିମ୍ବା ଏକ ସାଧାରଣ ସ୍ଥାନରେ ରହିବ । କ୍ୟାଣ୍ଟିନ୍‌ରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାରର ଡଷ୍ଟବିନ୍ ବ୍ୟବହାର କରିବେ ଛାଡିଥିବା ଖାଦ୍ୟ ପ୍ଲାଷ୍ଟିକ ଡବା, ବ୍ୟାଗ୍, ପେପର ଥାଳି ଇତ୍ୟାଦି ପାଇଁ ।

ଏହି ପ୍ରକଳ୍ପର ସଫଳତା ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଯେ ଛାତ୍ରଛାତ୍ରୀମାନଙ୍କର କାର୍ଯ୍ୟ ବିଦ୍ୟାଳୟ ପରିଚାଳନା କମିଟି ମାଧମରେ ପ୍ରୋତ୍ସାହିତ ହେବା ଦରକାର ଏବଂ ବିଦ୍ୟାଳୟର ଅନ୍ୟମାନେ ମଧ୍ୟ ପିଲାମାନଙ୍କର କାର୍ଯ୍ୟକୁ ଦେଖିବା ଆବଶ୍ୟକ । ଗୋଟିଏ ଦଳର ସଫଳତା ଅନ୍ୟ ଛାତ୍ରଛାତ୍ରୀଙ୍କୁ ଅଭିଯାନରେ ମିଶିବାକୁ ଉତ୍ସାହିତ କରିବା ଉଚିତ୍ । ଏହିପରି ପ୍ରକଳ୍ପ ଦୀର୍ଘସ୍ଥାୟୀ ହୋଇଥାଏ ଯେତେବେଳେ ସମସ୍ତେ ଅଂଶଗ୍ରହଣ କରନ୍ତି ଏବଂ ନିଜ ଚତୁଃପାଶ୍ୱକୁ ପରିଷ୍କାର ରଖିବା ଯେତେବେଳେ ଅଭ୍ୟାସରେ ପରିଣତ ହୋଇଯାଏ ।

**ଗୋଟିଏ ଖତ ଗାତ ପ୍ରସ୍ତୁତ କରବା**

- ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ୧.୫୦ ମିଟର ଚଉଡା ଓ ୧ ମିଟର ଗଭୀରର ଗାତ ଖୋଳିବାକୁ ଦିଆଯାଉ ଏବଂ ଯେତେଦୂର ସମ୍ଭବ ବଗିଚାର ଶେଷମୁଣ୍ଡକୁ ଏହା ଖୋଳାଯିବ ।
- ଗାତର ଧାରରେ ନଡା କିମ୍ବା ଶୁଖିଲାପତ୍ର ଓ ଘାସ ରଖନ୍ତୁ ।
- ଯେତେବେଳେ ଜୈବିକ ବର୍ଜ୍ୟବସ୍ତୁ ବାହାରୁଛି, ବର୍ଜ୍ୟବସ୍ତୁକୁ ନେଇ ସେହି ଗାତରେ ପକାନ୍ତୁ ।
- ଗୋଟେ ଦଳର ଶିକ୍ଷାର୍ଥୀଙ୍କୁ ଦାୟିତ୍ୱ ଦିଅନ୍ତୁ ଯେ ସେମାନେ ନିଶ୍ଚିତ କରିବେ ପ୍ରତ୍ୟେକ ଦିନ ବର୍ଜ୍ୟବସ୍ତୁ ଉପରେ ଶୁଖିଲା ପତ୍ର ଓ ମାଟି ପକାଯାଇଛି ।
- ସପ୍ତାହରେ ଗାତରେ ଥରେ କିମ୍ବା ଦୁଇଥର ପାଣିଦେଇ ତାକୁ ଓଦାଳିଆ ରଖନ୍ତୁ ।

ଟିପ୍ପଣୀ

- ୧୫ ଦିନରେ ଥରେ ଗାତରେ ଥିବା ବର୍ଜ୍ୟବସ୍ତୁ ଲେଉଟେଇ ଦିଅନ୍ତୁ ।
- ତିନି ଓ ଚାରି ମାସରେ କମ୍ପୋଷ୍ଟଖତ ପ୍ରସ୍ତୁତ ହୋଇଯିବ ।

### ୬.୬.୩. ପ୍ରକଳ୍ପ ପଦ୍ଧତିର ସୁବିଧା ସମୂହ

- ଶିକ୍ଷଣର ନିୟମ, ଯେପରି ଶିକ୍ଷଣ ପ୍ରସ୍ତୁତି, କାର୍ଯ୍ୟରେ ଅଂଶଗ୍ରହଣ, ଏହାର ପ୍ରଭାବ ଏବଂ ଅଭିପ୍ରେରଣାର କାରକ ଇତ୍ୟାଦି ଏହି ପଦ୍ଧତିରେ ଉପଯୁକ୍ତ ଭାବେ ପ୍ରୟୋଗ କରାଯାଇଛି ।
- ଅନୁଭୂତିଗୁଡିକ ବାସ୍ତବ-ଜୀବନ ଆଧାରତି ହୋଇଥିବାରୁ ଶିକ୍ଷାର୍ଥୀମାନେ ସବୁଦିନ ପାଇଁ ଏହାକୁ ମନେରଖିପାରିବ ।
- ବାସ୍ତବଜୀବନର ସମସ୍ୟା ପ୍ରତି ଅନ୍ତଃଦୃଷ୍ଟି ସୃଷ୍ଟି କରିବାରେ ଏହା ଫଳପ୍ରଦ ଅଟେ ।
- ପିଲାମାନେ ସାମାଜିକ ପରିବେଶରେ ସ୍ୱାଧୀନତାର ସହ କାର୍ଯ୍ୟ କରିଥିବାରୁ ଆନନ୍ଦ ଲାଭ କରିଥାନ୍ତି ଏବଂ ସହଯୋଗୀ ମନୋଭାବ ମଧ୍ୟ ସୃଷ୍ଟି ହୁଏ ଏବଂ ଦଳରେ କାର୍ଯ୍ୟ କରିବାର ସାମର୍ଥ୍ୟ ବୃଦ୍ଧିପାଇଥାଏ ।
- ଏହି ପଦ୍ଧତି ଆହ୍ୱାନ ପ୍ରଦାନ କରିଥାଏ । ତଥାପି ଏହା ଶିକ୍ଷଣ ପରିବେଶକୁ ପ୍ରୋତ୍ସାହିତ କରିଥାଏ ।
- ଏହି ପଦ୍ଧତି କର୍ମାନୁଭୂତି, ବିକ୍ଷିପ୍ତ ଚିନ୍ତନ, ଆତ୍ମବିଶ୍ୱାସ, ଆତ୍ମଶୃଙ୍ଖଳା ପାଇଁ ସୁଯୋଗ ପ୍ରଦାନ କରିଥାଏ ।
- ଏହା ଗଣତାନ୍ତ୍ରିକ ଓ ବୈଜ୍ଞାନିକ ଧାରା ଯୁକ୍ତ । ଆବିଷ୍କାର ମନୋବୃତ୍ତି ବିକାଶ କରିବାରେ ସାହାଯ୍ୟ କରେ ।

### ୬.୬.୪. ପ୍ରକଳ୍ପ ପଦ୍ଧତିର ସୀମିତତା

ଶିକ୍ଷକମାନେ ଉନ୍ନତମାନର ପ୍ରସ୍ତୁତି ଆବଶ୍ୟକ କରିଥାନ୍ତି । ସେମାନେ ପରାମର୍ଶଦାତା ଏବଂ ସହାୟକ ଭାବେ ପ୍ରକଳ୍ପ ଯୋଜନା ପ୍ରସ୍ତୁତିରେ, କାର୍ଯ୍ୟକାରୀ କରିବାରେ, ମୂଲ୍ୟାୟନ କରିବା ଏବଂ ଲିପିବଦ୍ଧ କରିବାରେ କାର୍ଯ୍ୟ କରିଥାନ୍ତି ।

-ଏହା ସମୟ ସାପେକ୍ଷ ଏବଂ ଅନେକ ସମ୍ୱଳ ମଧ ଦରକାର କରିପାରେ ।

-ପିଲାମାନେ ପ୍ରକଳ୍ପର କାମ ନିଜେ କରି ଖୁସି ହୋଇଥାନ୍ତି ମାତ୍ର ସଂକ୍ଷେପଣ କରିବାରେ ଯଦି ଶିକ୍ଷକମାନେ ସାହାଯ୍ୟ  ନକରନ୍ତି  ପିଲାମାନେ କାର୍ଯ୍ୟଟିକୁ ବୁଝିପାରନ୍ତି ନାହିଁ । ଫଳରେ ଶିକ୍ଷଣ କାର୍ଯ୍ୟ ଓ ଲାଭ କରିଥିବା ଶିକ୍ଷଣକୁ ବୁଝିବାରେ ସେମାନେ ଅକୃତକାର୍ଯ୍ୟ ହୁଅନ୍ତି । ଏହାର କାରଣ ବକ୍ତୃତା ଭଳି ଏହି କ୍ଷେତ୍ରରେ ଜ୍ଞାନ ଏକ କ୍ରମରେ ହାସଲ ହୋଇନଥାଏ ଏବଂ ସେହି କ୍ରମରେ ପାଠ୍ୟ ପୁସ୍ତକ ସହିତ ସଂପର୍କ ନଥାଏ ।

### ୬.୬.୫. ଶିକ୍ଷକଙ୍କର ଭୂମିକା

ଯେତେବେଳେ ତୁମ ଶିକ୍ଷାର୍ଥୀଙ୍କ ଶିକ୍ଷଣ ନିମନ୍ତେ ପ୍ରକଳ୍ପ ପଦ୍ଧତିକୁ ବ୍ୟବହାର କରିବ-

- ବିଦ୍ୟାଳୟ ସମୟ ନିର୍ଘଣ୍ଟ ସହିତ ଖାପଖାଇବା ଭଳି ଗୋଟିଏ ସ୍ପଷ୍ଟ ସମୟ ଯୋଜନା ଆବଶ୍ୟକ ।
- ପାଠ୍ୟକ୍ରମ ଓ ପାଠ୍ୟଖସଡା ସହିତ ନିଶ୍ଚିତ ସଂପୃକ୍ତ ହୋଇଥିବ ।
- ଗବେଷଣା ବିଷୟ ଓ କାର୍ଯ୍ୟ ଉପରେ ସ୍ପଷ୍ଟ ଧାରଣ ଓ ଅର୍ନ୍ତଦୃଷ୍ଟି ଥିବା ଆବଶ୍ୟକ ।
- ତୁମର ଭୂମିକା ଜଣେ ବିଜ୍ଞ, ପରାମର୍ଶଦାତା, ପଥପ୍ରଦର୍ଶକ ଏବଂ ଶିକ୍ଷାର୍ଥୀ ହେବା ଆବଶ୍ୟକ ଏବଂ ଏହି ଭୂମିକାର ବାରମ୍ବାର ପରିବର୍ତ୍ତନ ହେଉଥିବ  ।

- ଶିକ୍ଷାର୍ଥୀ ମଧ୍ୟରେ ଆଗ୍ରହ ଏବଂ କୌତୂହଳ ଜାଗ୍ରତ କରାଇବା ଆବଶ୍ୟକ ଏବଂ ଜଣେ ସ୍ୱ-ଅଭିପ୍ରେରିତ ପରାମର୍ଶଦାତା ହେବା ଆବଶ୍ୟକ ।
- ଏକ ସକରାତ୍ମକ ଓ ଗଣତାନ୍ତ୍ରିକ ଶିକ୍ଷଣ ପରିବେଶ ନିଶ୍ଚିତ କରିବା ଆବଶ୍ୟକ କରିଥାଏ ।
- ଲଜ୍ଜାଶୀଳ ଏବଂ ଚୁପ୍‌ଚୁପ୍ ପିଲାମାନଙ୍କୁ ସକ୍ରିୟ ଅଂଶଗ୍ରହଣ ଓ ଆଗଭର ହୋଇ କାମ କରିବାକୁ ପ୍ରୋତ୍ସାହିତ କରିଥାଏ ।
- ଶାରୀରିକ ବାଧକତା ଥିବା ପିଲାମାନଙ୍କୁ ଉପଯୁକ୍ତ ନିୟୋଜିତ କରିବା ଆବଶ୍ୟକ ।
- ପ୍ରକଳ୍ପର ସମୟାନୁଯାୟୀ ଅଗ୍ରଗତିକୁ ତଦାରଖ କରିବା ଆବଶ୍ୟକ ।

ଯେହେତୁ ପରିବେଶ ଅଧ୍ୟୟନ ଜୀବନ କୌଶଳ ସହ ସଂଯୁକ୍ତ ଶିକ୍ଷଣ ପାଇଁ ପ୍ରକଳ୍ପ ପଦ୍ଧତି ଯୁକ୍ତିଯୁକ୍ତ ଅଟେ । ପରିବେଶ ଅଧ୍ୟୟନର ଉଦ୍ଦେଶ୍ୟ ହାସଲ କରିବାବେଳେ ପ୍ରକଳ୍ପ ପିଲାମାନଙ୍କୁ ସଚେତନତା ଠାରୁ କାର୍ଯ୍ୟ କରିବା ଏବଂ ସେମାନଙ୍କର ବୁଝିବା କ୍ଷମତା ବୃଦ୍ଧି କରିବାରେ ଏବଂ ଦାୟିତ୍ୱବୋଧ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ ।

## ୬.୭. ଶିକ୍ଷଣ ପାଇଁ ଭ୍ରମଣ

କ୍ଷେତ୍ର ପରିଭ୍ରମଣ ବା ପରିଦର୍ଶନ ହେଉଛି ଗୋଟିଏ ଦଳ ଦ୍ୱାରା ସେମାନଙ୍କ ନି ପରିବେଶ ଠାରୁ ଦୂରକୁ ଏକ ଯାତ୍ର । ଚିଡିଆଖାନା, ଉଦ୍ୟାନ, ପାର୍କ ଏବଂ ମ୍ୟୁଜିୟମ୍‌କୁ ପରିଦର୍ଶନରେ ଯିବା ବିଦ୍ୟାଳୟ ଜୀବନର ଅଂଶ ଅଟେ । ଅନେକ ସମୟରେ ଏହି ଭଳି ପରିଦର୍ଶନଗୁଡିକ ବଣ ଭୋଜି ଭଳି । ତୁମେ ଜଣେ ଶିକ୍ଷକ ହିସାବରେ ଏହି ସବୁ ସ୍ଥାନ ପ୍ରଦାନ କରୁଥିବା ଶିକ୍ଷା ସୁଯୋଗକୁ ଚିହ୍ନଟ କରି ସେହି ବଣଭୋଜିକୁ ଆନନ୍ଦଦାୟକ ଶିକ୍ଷଣ ଭ୍ରମଣରେ ପରିଣତ କରିପାରିବେ ।

ସବୁ ସ୍ଥାନରେ ଏକ ଭରପୁର ଶିକ୍ଷଣ ସାମଗ୍ରୀ ଏବଂ ପରିସ୍ଥିତି ଉପଲବ୍ଧ- ବିଦ୍ୟାଳୟ ପଡିଆ କିମ୍ବା ପାଖରେ ଥିବା ଏକ ପଡିଆର ଚତୁଃପାର୍ଶ୍ୱରେ ବୁଲିବା, ସହରରେ ଥିବା ଏକ ଉଦ୍ୟାନରେ କେତେ ଘଣ୍ଟା, ଏକ ଐତିହାସିକ ସ୍ଥଳୀକୁ ଭ୍ରମଣ, ମ୍ୟୁଜିୟମ୍‌କୁ ବୁଲିଯିବା, ଗୋଟିଏ କାରଖାନା, ଏକ ସର୍ବସାଧାରଣ କାର୍ଯ୍ୟାଳୟ ଏବଂ ଏହିପରି ଅନେକ । ଉପରୋକ୍ତ ଯେ କୌଣସି ଭ୍ରମଣ ସ୍ଥଳ ପ୍ରାଥମିକ ଅନୁଭୂତି ପ୍ରଦାନ କରିବା ପାଇଁ ସୁଯୋଗ ପ୍ରଦାନ କରିଥାଏ । ଏହିଗୁଡିକୁ ଆଗ୍ରହୋଦ୍ଦୀପକ, ଚିନ୍ତା ପ୍ରତ୍ୟାଶା ଏବଂ ଶିକ୍ଷଣୀୟ ସୁଯୋଗକୁ ପରିବର୍ତ୍ତନ କରିବା ଏକ ଆହ୍ୱାନମୂଳକ କାର୍ଯ୍ୟ । ଉପଯୁକ୍ତ ଯୋଜନା ଶ୍ରେଣୀଗୃହ ବାହାରର ଅନୁଭୂତି ଶ୍ରେଣୀଗୃହ ଚିନ୍ତନକୁ ସମୃଦ୍ଧ, ପ୍ରାଣବନ୍ତ ଓ ପୂର୍ଣ୍ଣତା ଆଣିଦିଏ । ସେଗୁଡିକ ବିଭିନ୍ନ କୌଶଳ ଯଥା ପର୍ଯ୍ୟବେକ୍ଷଣ ଅନୁସନ୍ଧାନ, ତଦାରଖ, ନକ୍‌ସା ଅଙ୍କନ, ତଥ୍ୟସଂଗ୍ରହ ଓ ବିଶ୍ଳେଷଣ କରିବା, ଜଟିଳ ଚିନ୍ତନ ଓ ସମସ୍ୟା ସମାଧାନ କୌଶଳଗୁଡିକ ବିକଶିତ କରିବା ପାଇଁ ସୁଯୋଗ ପ୍ରଦାନ କରିଥାଏ ।

ଜଣେ ଶିକ୍ଷକ ହିସାବରେ ପରିବେଶ ଅଧ୍ୟୟନରେ ନିର୍ଦ୍ଦିଷ୍ଟ ଶିକ୍ଷଣ ଉଦ୍ଦେଶ୍ୟ ସହିତ ଏହି ସବୁ ସୁବିଧା ସୁଯୋଗ ଯୋଗାଇ ଆପଣ ଶିକ୍ଷାର୍ଥୀଙ୍କୁ ପରିଦର୍ଶନରେ ନେବା ଆବଶ୍ୟକ ଅଟେ ।

ପରିଭ୍ରମଣକୁ ସଫଳ କରିବାର ମୁଖ୍ୟ ଉପାୟ ହେଲା ଉପଯୁକ୍ତ ଉପାୟଗୁଡିକର ଯୋଜନା ପ୍ରସ୍ତୁତ କରିବା ଯାହା ଉଭୟ ଆମୋଦଦାୟକ ଓ ଶିକ୍ଷଣୀୟ ହେବ । ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯେ ଅତିମାତ୍ରାରେ ଶିକ୍ଷଣୀୟ ଅଂଶ ଉପରେ ଗୁରୁତ୍ୱ ଦେବା ନାହିଁ ଏବଂ ଏକ ଅନୌପଚାରିକ ପରିସ୍ଥିତି ଜାରି ରଖିବା ।

### ୬.୭.୧. ଉଦାହରଣ : ଉଦ୍ଭିଦର ଅଧ୍ୟୟନ ନିମନ୍ତେ ଏକ କ୍ଷେତ୍ର ପରିଭ୍ରମଣର ଆୟୋଜନ କରିବା

**କ୍ଷେତ୍ର ପରିଭ୍ରମଣର ଉଦ୍ଦେଶ୍ୟ ସମୂହ :**

କ୍ଷେତ୍ର ପରିଭ୍ରମଣ ହାତକୁ ନେଇ ଶିକ୍ଷାର୍ଥୀମାନେ କରିବାକୁ ସମର୍ଥ ହେବେ :

ଟିପ୍ପଣୀ

- କେତେକ ପରିଚିତ ଉଦ୍ଭିଦକୁ ସେମାନଙ୍କ ନାମରେ ଚିହ୍ନଟ କରିବେ ।
- ସେଗୁଡ଼ିକର ବାହ୍ୟ ଲକ୍ଷଣକୁ ପର୍ଯ୍ୟବେକ୍ଷଣ କରି ପାର୍ଥକ୍ୟ ପର୍ଯ୍ୟବେକ୍ଷଣ ଓ ଲିପିବଦ୍ଧ କରିବେ ।
- ସେଗୁଡ଼ିକର ଆକାର ଅନୁସାରେ ମୁଖ୍ୟ ଭାବେ ବିଭାଗୀକରଣ କରିବେ ଏବଂ ଦେଖିଥିବା ବିଭିନ୍ନତାକୁ ପସନ୍ଦ କରିବେ ।
- ପତ୍ରର ଆକାର, ଆକୃତି ଏବଂ ଭିନ୍ନତାର ପର୍ଯ୍ୟବେକ୍ଷଣ ଆଧାରରେ ପାର୍ଥକ୍ୟ ଦର୍ଶାଇବେ ।

ବୃକ୍ଷ ବା ଉଦ୍ଭିଦ ପରିବେଶର ମୁଖ୍ୟ ଅଂଶକୁ ଗଠିତ କରେ । ଉଦ୍ଭିଦକୁ କାଣ୍ଡର ଗଠନ ଅନୁଯାୟୀ ତିନି ଭାଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା- ଗୁଳ୍ମ, ବୁଦା ଓ ବୃକ୍ଷ । କ୍ଷେତ୍ର ପରିଭ୍ରମଣର ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ପର୍ଯ୍ୟବେକ୍ଷଣ କରିବାର ବିଭିନ୍ନ ଦିଗଗୁଡ଼ିକ ହେଲା-

- ଉଦ୍ୟାନରେ ଥିବା ଘାସ ଏବଂ ପତ୍ରରେ ପଡ଼ିଥିବା କାକରକୁ ଦେଖିବେ
- ବିଭିନ୍ନ ବୃକ୍ଷ
- ବୃକ୍ଷର ବକଳ
- ଛୋଟ ଗଛ ଓ ବଡ ଗଛର ଆକାର
- ପତ୍ରର ଆକାର, ଆକୃତି, ସଂଖ୍ୟା ଏବଂ ପତ୍ରର ମସୃଣତା
- ମଞ୍ଜି ଏବଂ ଫଳ ମଧ୍ୟରେ ଆକାର ଓ ଆକୃତିରେ ଭିନ୍ନତା
- ଗଛର ଫୁଲ ମଧ୍ୟରେ ଦେଖୁଥିବା ଭିନ୍ନତା

ପରିଭ୍ରମଣ ପରେ, ଶ୍ରେଣୀରେ ତା' ପରଦିନ, ଉଦ୍ଭିଦ ଜଗତରେ ଥିବା ବିଭିନ୍ନତା, ଏହାର ବିଶେଷତା ଏବଂ ଭବିଷ୍ୟତ ସଚେତନତା ବିଷୟରେ ଆଲୋଚନା କରିବେ । ବିଭିନ୍ନ ପ୍ରକାରର ଉଦ୍ଭିଦ ପରେ ବିଭିନ୍ନ ପ୍ରକାରର ପତ୍ର, ଫୁଲ, ଫଳ ଓ ମଞ୍ଜିକୁ ଗୁରୁତ୍ୱ ଦେବେ । ନିମ୍ନ ପ୍ରଶ୍ନ ଗୁଡ଼ିକର ମଧ୍ୟ ଆଲୋଚନା କରାଯିବ ।

- ଦୁଇଟି ଉଦ୍ଭିଦ ପରସ୍ପର ଠାରୁ ଭିନ୍ନ ଅଟନ୍ତି କିପରି ?
- ଏହି ଦୁଇଟି ଉଦ୍ଭିଦ କେଉଁ କେଉଁ ଦୃଷ୍ଟିରୁ ସମାନ ଅଟନ୍ତି ?
- ଆପଣଙ୍କର ଟିପା ଖାତାରେ ଶିରୋନାମାକୁ କିମ୍ବା ଉଦ୍ଭିଦର ନାମକୁ ଏକ ବାକ୍ୟରେ କିମ୍ବା ଅନୁଚ୍ଛେଦରେ ବର୍ଣ୍ଣନା କରନ୍ତୁ ।
- ଯେଉଁ ପରିସ୍ଥିତିରେ ଆପଣ ଏହି ଉଦ୍ଭିଦଗୁଡ଼ିକୁ ଦେଖିବାକୁ ପାଇଲେ, ତା'ର ବର୍ଣ୍ଣନା କରନ୍ତୁ ।

ଏଥି ସହିତ ପ୍ରତ୍ୟେକର ଉପାଦେୟତା ସହିତ ସାରାଂଶ ନିର୍ଣ୍ଣୟ କରନ୍ତୁ । କ୍ଷେତ୍ର ପରିଭ୍ରମଣ ପରସ୍ପର ଠାରୁ ଶିଖିବାର ଏକ ଉନ୍ନତ ଧରଣର ଉପାୟ ଯାହା ଶିକ୍ଷକ ଓ ଛାତ୍ରମଧ୍ୟରେ ସକାରତ୍ମକ ସଂପର୍କ ଗଢିଥାଏ ।

କ୍ଷେତ୍ର ପରିଭ୍ରମଣ ସଂପର୍କିତ 'ଶିକ୍ଷଣ ପତ୍ରିକା'କୁ ସଂପୂର୍ଣ୍ଣ କର । ଏହା ଭବିଷ୍ୟତ ପରିଭ୍ରମଣ ପାଇଁ ସବିଶେଷ ତଥ୍ୟ ଯୋଗାଇବ ।

- ଏହି କ୍ଷେତ୍ର ପରିଭ୍ରମଣରେ କେଉଁ ସ୍ୱତନ୍ତ୍ର ଶୈକ୍ଷିକ ମୂଲ୍ୟବୋଧ ନିହିତ ଥିଲା ?
- ଆଶା କରିଥିବା / ପ୍ରତ୍ୟାଶିତ ଉଦ୍ଦେଶ୍ୟ, ଶିକ୍ଷ୍ୟାର୍ଥୀ ହାସଲ କଲେ କି ନାହିଁ ?
- ପର୍ଯ୍ୟାପ୍ତ ସମୟ ଏଥିରେ ଥିଲା କି ?
- ସେଠାରେ ଆବଶ୍ୟକୀୟ କର୍ମଚାରୀ ଏବଂ ବୟସ୍କ ପର୍ଯବେକ୍ଷକ ଥିଲେ କି ?
- ଭବିଷ୍ୟତରେ ଏହି ଅନୁଭୂତି ଠାରୁ ଅଧିକ ଉନ୍ନତମାନର ଅନୁଭୂତି ଲାଭ କରିବା ପାଇଁ ଆଉ କ'ଣ କରାଯାଇ ପାରିବ ?
- ପରବର୍ତ୍ତୀ ସମୟରେ କେଉଁ ସ୍ୱତନ୍ତ୍ରତା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ ?

ଟିପ୍ପଣୀ

- ଭବିଷ୍ୟତରେ କେଉଁ ନିର୍ଦ୍ଦିଷ୍ଟ ସମସ୍ୟା ଉପରେ ଆଲୋଚନା ହେବା ଆବଶ୍ୟକ ?
- ଭବିଷ୍ୟରେ ଏହି ଭ୍ରମଣର ଉନ୍ନତି ପାଇଁ କ'ଣ କରାଯାଇ ପାରିବ ?

### ୬.୭.୨ ଶିକ୍ଷଣ ପାଇଁ ସଫଳ ଭ୍ରମଣର ସୋପାନ

ଭ୍ରମଣ ପାଇଁ ଯୋଜନା ପ୍ରସ୍ତୁତ କଲାବେଳେ ଏହିପରି କେତେକ ସୋପାନକୁ କାର୍ଯ୍ୟକାରୀ କରିବେ ଏବଂ କେତେକ ଟିପ୍ପଣୀ ଯେଉଁଗୁଡ଼ିକ ଆନନ୍ଦମୟୀ ଶିକ୍ଷଣର ମୂଳ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ ତାହା ନିମ୍ନରେ ଦିଆଯାଇଛି ।

(କ) ଭ୍ରମଣ ନିମନ୍ତେ ଲକ୍ଷ୍ୟ ନିର୍ଦ୍ଧାରଣ କରିବା

ଆପଣ ଜଣେ ଶିକ୍ଷକ ଭାବେ ପ୍ରଥମେ ପରିବେଶ ଶିକ୍ଷା ପୁସ୍ତକ ସହିତ ଜଡ଼ିତ ଭ୍ରମଣ ନିମନ୍ତେ ଶୈକ୍ଷିକ ଲକ୍ଷ୍ୟ ସ୍ଥିର କରିବା ଆବଶ୍ୟକ । ସେହି ପରିଭ୍ରମଣ ସ୍ଥାନକୁ ଆପଣ ନିଜେ ଆଗରୁ ଯାଇ ବୁଲି ଆସିବା ଆଶା କରାଯାଏ କାରଣ ସେଠାରେ କି କି ସୁବିଧା ମିଳିବ ଏବଂ ଯେଉଁ ଶୈକ୍ଷିକ ଲକ୍ଷ୍ୟକୁ ସାଧିତ କରିବା ପାଇଁ ଭ୍ରମଣରେ ଯାଉଛନ୍ତି ତାହା ଉପଲବ୍ଧ ହେବ କି ନାହିଁ ତାହା ମଧ୍ୟ ଜାଣିପାରିବେ । କେତେକ ଭ୍ରମଣ ସ୍ଥଳୀରେ ବିଦ୍ୟାଳୟର ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ସୁବିଧା ସୁଯୋଗ ଥାଏ । ଯଦି କୌଣସି ଶିକ୍ଷାବିତ୍ ବା ଶିକ୍ଷା ଅଧିକାରୀଙ୍କ ସାହାଯ୍ୟ ନେବାର ସୁବିଧା ଉପଲବ୍ଧ ହୋଇଥାଏ ତେବେ ପୂର୍ବରୁ ତାଙ୍କ ସହିତ ଆଲୋଚନା କରିବା ଭଲ ହେବ ଏବଂ ସେହି ଶିକ୍ଷା ଅଧିକାରୀ ମଧ୍ୟ ଭ୍ରମଣରେ ଯୋଗଦାନ କଲେ ଭଲ ହେବ । ପ୍ରଥମ ଭ୍ରମଣ ଆପଣଙ୍କୁ ମଧ୍ୟ ଅନେକ ବାସ୍ତବ ଦିଗ ତଥା ସମୟ ବିଷୟରେ ଧାରଣା ଦେବ, ଯଥା ସେହି ସ୍ଥାନ ଭ୍ରମଣ ପାଇଁ କେତେକ ସମୟ ଲାଗିବ, ବାଟ ଅତିକ୍ରମ କରିବା ପାଇଁ କେତେ ସମୟ ଲାଗିବ ଏବଂ ବିଭିନ୍ନ କାର୍ଯ୍ୟ ସଂପାଦନ କରିବା ପାଇଁ କେତେ ସ୍ଥାନ ମିଳିବ, ଭ୍ରମଣ ସ୍ଥାନରେ ଶିକ୍ଷଣକୁ ଉତ୍ସାହିତ କରିବା ପାଇଁ ସବୁଠାରୁ ଭଲ କାର୍ଯ୍ୟ କ'ଣ, ଆପଣ ଭ୍ରମଣର ଲକ୍ଷ୍ୟକୁ ମଧ୍ୟ ଉନ୍ନତ କରିବ ପାଇଁ ଅନୁଭବ କରିପାରନ୍ତି ।

(ଖ)କାର୍ଯ୍ୟକ୍ରମ ନିମନ୍ତେ ଯୋଜନା

ଯଦି ଉପଯୋଜନ ଆମର ଉଦ୍ଦେଶ୍ୟ ହୋଇଥାଏ, ତେବେ ପକ୍ଷୀ ପରିବନ୍ଧନ ପାଖରେ ସମୟ କଟେଇବାକୁ ପଡ଼ିବା- ପକ୍ଷୀଗୁଡ଼ିକର ବିଭିନ୍ନ ପ୍ରକାର ଥଣ୍ଟ,ମୁନିଆ ନଖ, ମଞ୍ଜାକୁ ପର୍ଯ୍ୟବେକ୍ଷଣ କରି ବର୍ଣ୍ଣନା କରିବାରେ ସାହାଯ୍ୟ କରିବ । କିନ୍ତୁ ମନେରଖ, ଗୋଟିଏ ଭ୍ରମଣକୁ ଯାଇ ଅନେକ ଗୁଡ଼ିଏ ଲକ୍ଷ୍ୟ ହାସଲ କରିବାକୁ ଆଶା କରିବେ ନାହିଁ । ଶିକ୍ଷଣ ଉଦ୍ଦେଶ୍ୟ ଆଧାରରେ ଆପଣ ଯୋଜନା ପ୍ରସ୍ତୁତ କରିପାରନ୍ତି ଓ ଶିକ୍ଷଣ କାର୍ଯ୍ୟ ଚୟନ କରିପାରନ୍ତି ।

**କାର୍ଯ୍ୟଫର୍ଦ୍ଦ**

କାର୍ଯ୍ୟଫର୍ଦ୍ଦ ଅଂଶ ଗ୍ରହଣକାରୀଙ୍କୁ ଟିକିନିକି ପର୍ଯ୍ୟବେକ୍ଷଣ କରିବାକୁ ସାହାଯ୍ୟ କରିବ । ସେମାନେ ଏହାକୁ ଯେ କୌଣସି ଭ୍ରମଣ ପାଇଁ ବ୍ୟବହାର କରିପାରିବେ- କୌଣସି ଅଂଶ, ଗୋଟେ ଚିଡ଼ିଆଖାନା, କୌଣସି କୀର୍ତ୍ତି ଇତ୍ୟାଦି । ଆପଣ ସେହି ସ୍ଥାନକୁ ଭ୍ରମଣ ପୂର୍ବରୁ ଯାଇଥିଲେ ଆପଣ ମଧ କେତେକ କାର୍ଯ୍ୟଫର୍ଦ୍ଦ ପ୍ରସ୍ତୁତ କରିପାରନ୍ତି । ବାସ୍ତବରେ ଶିକ୍ଷାର୍ଥୀମାନେ ଯାହା ଦେଖି ପାରିବେ କାର୍ଯ୍ୟଫର୍ଦ୍ଦରେ ସେ ଗୁଡିକ ସ୍ଥାନ ପାଇବା ଆବଶ୍ୟକ । କାର୍ଯ୍ୟଫର୍ଦ୍ଦ ଶିକ୍ଷାର୍ଥୀମାନଙ୍କୁ ଭ୍ରମଣ ଉଦ୍ଦେଶ୍ୟ ସଂପର୍କରେ ଅବଗତ କରାଏ ଯେହେତୁ ସେମାନେ ସଂପୃକ୍ତ ହୋଇଥାନ୍ତି ଏବଂ ସେମାନେ ନିଜସ୍ୱ ମତାମତ ଓ ଅନ୍ତର୍ଦୃଷ୍ଟି ଦେଇଥାନ୍ତି । କାର୍ଯ୍ୟଫର୍ଦ୍ଦ ମଧ୍ୟ ସମଗ୍ର ଶ୍ରେଣୀକୁ ଛୋଟ ଛୋଟ ଦଳରେ ଭାଗ କରିବା ପାଇଁ ସୁବିଧା ଦେଇଥାଏ ଏବଂ ସେହି ଦଳଗୁଡ଼ିକ ପରସ୍ପର ଉପରେ ନିର୍ଭର କରି ନଥାନ୍ତି । ଭ୍ରମଣର ବିଷୟ ବସ୍ତୁ ଅନୁଯାୟୀ , କାର୍ଯ୍ୟଫର୍ଦ୍ଦ ଗୁଡ଼ିକୁ ପ୍ରସ୍ତୁତ କରାଯାଇଥାଏ, ଯେପରି ପ୍ରକୃତିକୁ ଜାଣିବା, ଧନ ସମ୍ପଦର ଭଣ୍ଡାର, ମୂଷା ବିଲେଇ ଖେଳ, ଏକ ଶିକାର ଇତ୍ୟାଦି ।

(ଗ) ଶିକ୍ଷାର୍ଥୀଙ୍କୁ ସଂକ୍ଷିପ୍ତ କରି କହିବା

ଭ୍ରମଣରେ ଯିବାକୁ ସ୍ଥିର କରିବା ପୂର୍ବରୁ, ଏହା ଗୁରୁତ୍ୱପୁର୍ଣ୍ଣ ଯେ ଶିକ୍ଷାର୍ଥୀଙ୍କୁ ଭ୍ରମଣ ସଂପର୍କରେ ସଂକ୍ଷିପ୍ତ ଧାରଣା ଦେବା ଆବଶ୍ୟକ, ସେମାନେ କୁଆଡେ ଯିବେ, କ'ଣ ଦେଖିବେ, ଭ୍ରମଣର ଉଦ୍ଦେଶ୍ୟ କ'ଣ, ଯୋଜନା କ'ଣ କରାଯାଇଛି ଇତ୍ୟାଦି । ସେଠାରେ କ'ଣ କରିବାକୁ ହେବ ଓ କ'ଣ ନ କରିବାକୁ ହେବ, ଶିକ୍ଷାର୍ଥୀଙ୍କୁ ସ୍ପଷ୍ଟ କରି କୁହାଯିବା ଆବଶ୍ୟକ । ଏହା ଗୁରୁତ୍ୱପୁର୍ଣ୍ଣ ଯେ, ସେମାନଙ୍କୁ କ'ଣ କରବାକୁ ଓ କ'ଣ ସବୁ ନ କରିବାକୁ କୁହାଯାଇଛି ସେମାନେ ତାହାର କାରଣ କହିପାରୁଥିବେ ଯେହେତୁ ସେମାନଙ୍କୁ ଏହା ଗ୍ରହଣ କରିବାକୁ ଅଛି ଏବଂ ଗୁଣାବଳୀକୁ ବୁଝିବାର ଅଛି । ଏଗୁଡ଼ିକ – କିପରି ସାବଧାନତା ଅବଲମ୍ବନ କରିବ, ସେହି ସ୍ଥାନରେ ଶିକ୍ଷାର୍ଥୀମାନେ କି କି କାର୍ଯ୍ୟ କରିବେ ଯଥା:- ସଂଗ୍ରହାଳୟରେ କାର୍ଡଗୁଡ଼ିକୁ ହାତ ମାରିବେ ନାହିଁ, ପାର୍କରେ ଫୁଲ ଓ ପତ୍ର ତୋଳିବେ ନାହିଁ, ଚିଡ଼ିଆଖାନାରେ ଜାବଜନ୍ତୁଙ୍କୁ ଖାଇବାକୁ ନଦେବା, ଶୃଙ୍ଖଳା ରକ୍ଷା କରିବା ଇତ୍ୟାଦି । ଏହି ସଂକ୍ଷିପ୍ତିକରଣ ଭ୍ରମଣର ପୁର୍ବଦିନ କରାଯିବା ଆବଶ୍ୟକ ଏବଂ ଯିବା ପୂର୍ବରୁ ବାରମ୍ବାର କୁହାଯିବା ଆବଶ୍ୟକ ।

ଭ୍ରମଣ ସ୍ଥାନରେ, ଶିକ୍ଷାର୍ଥୀଙ୍କୁ ପର୍ଯ୍ୟବେକ୍ଷଣ ଏବଂ ନୂତନ ଜିନିଷ ଆବିଷ୍କାର କରିବା ପାଇଁ ବହୁତ ସୁଯୋଗ ଓ ସମୟ ଦିଆଯିବା ଆବଶ୍ୟକ ଏବଂ ଆପଣ କରିଥିବା ଯୋଜନା ମୁତାବକ କାର୍ଯ୍ୟକ୍ରମଟି ସଂପୂର୍ଣ୍ଣ ହେବା ଆବଶ୍ୟକ । ଆବିଷ୍କାର କରିବା ପାଇଁ ଏବଂ ଯାହା ଦେଖୁଛନ୍ତି ସେ ବିଷୟରେ ପ୍ରଶ୍ନ ପଚାରିବା ପାଇଁ ସେମାନଙ୍କୁ ଉତ୍ସାହିତ କରିବା ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ । ଆପଣଙ୍କ ଭ୍ରମଣର ଶୈକ୍ଷିକ ଉଦ୍ଦେଶ୍ୟଟି ଯଦି ପାଠ୍ୟ ପୁସ୍ତକ ପ୍ରସଙ୍ଗ ସହିତ ପ୍ରତ୍ୟକ୍ଷ ଭାବେ ସଂପର୍କିତ, ତାହେଲେ ପାଠଟିକୁ ସିଧା ଭ୍ରମଣ ସହିତ ସଂଯୋଗ କରନ୍ତୁ । ଏହି ଭ୍ରମଣରେ ଅନେକ ଗୁଡ଼ିଏ ଯୋଜନା ବର୍ହିଭୂତ ଶିକ୍ଷଣ ସଂଗଠିତ ହୋଇଥାଏ ଏବଂ ସେଗୁଡ଼ିକୁ ଶିକ୍ଷାର୍ଥୀଙ୍କୁ ଖୋଲାଖୋଲି ଜଣାଇବା ଆବଶ୍ୟକ ଓ ପିଲାମାନଙ୍କୁ ଉତ୍ସାହିତ କରିବା ଆବଶ୍ୟକ ଅଟେ ।

(ଘ) ଭ୍ରମଣ ସରିବା ପରେ

ଭ୍ରମଣ ସରିବା ପରେ, ଶିକ୍ଷାର୍ଥୀମାନେ ଆସି ଗୋଟିଏ ସ୍ଥାନରେ ଏକତ୍ରିତ ହେବା ଉଚିତ । ଗୋଟେ ସଂକ୍ଷିପ୍ତ ମୌଖିକ ମତାମତ ସେମାନଙ୍କ ଠାରୁ ସେହି ସ୍ଥାନରେ ଶିକ୍ଷକ ନେବେ କିମ୍ବା ବିଦ୍ୟାଳୟକୁ ସେହି ଦଳ ଫେରିବା ପରେ ନେଇ ପାରନ୍ତି । ଭ୍ରମଣର ପରେ ଶ୍ରେଣୀରେ ଗୋଟିଏ ପିରିୟଡରେ ଭ୍ରମଣ ସଂପର୍କରେ ସଂକ୍ଷେପଣ କରାଯିବା ଆବଶ୍ୟକ । ଏହି ଅଧିବେଶନରେ ଆଲୋଚନା, ପ୍ରଶ୍ନୋତ୍ତର, କୁଇଜ୍, ଲେଖିବା ଓ ଭ୍ରମଣ ସଂପର୍କରେ ସଂକ୍ଷେପଣ କରାଯିବା ଆବଶ୍ୟକ । ଭ୍ରମଣ ଅନୁଭୂତି ଗୁଡ଼ିକ ନିର୍ଦ୍ଦିଷ୍ଟ ପାଠର ପ୍ରାସଙ୍ଗିକତା ଉପରେ ଆଲୋଚନା କରାଯାଇପାରେ । ଉଦାହରଣ ସ୍ୱରୂପ :- ପଶୁମାନଙ୍କର ଖାଦ୍ୟାଭାସ ।

(ଙ) କାର୍ଯ୍ୟ ସମ୍ପାଦନର ମୂଲ୍ୟାୟନ

ଜଣେ ଶିକ୍ଷକ ହିସାବରେ, ଆପଣ ଭ୍ରମଣ ପାଇଁ ଯେଉଁ ଶୈକ୍ଷିକ ଉଦ୍ଦେଶ୍ୟକୁ ହାସଲ କରିବାକୁ ଚାହୁଁଥିଲେ, ସେଗୁଡ଼ିକ ହାସଲ ହେଲା କି ନାହିଁ ତା'ର ମୂଲ୍ୟାୟନ କରିବେ ଏବଂ ଯଥା ସମ୍ଭବ ସେଗୁଡ଼ିକୁ ପାଠ୍ୟପୁସ୍ତକର ପାଠ ସହ ସମ୍ପର୍କିତ କରି ପାରୁଛନ୍ତି କି ନାହିଁ ତାହା ତଦାରଖ /ମୂଲ୍ୟାୟନ କରିବେ । ଆପଣ ଯେଉଁ ଉଦ୍ଦେଶ୍ୟ ରଖି ଭ୍ରମଣ ପାଇଁ ଯୋଜନା କରିଥିଲେ ତାହା ମଧ୍ୟ ସମ୍ଭବ ନହୋଇପାରେ । ତା ହେଲେ ଭ୍ରମଣ କ'ଣ ସଫଳ ହେଲା ନାହିଁ ବୋଲି ସଂକ୍ଷେପଣ କରିବେ କି ? କାହିଁକି ଉଦ୍ଦେଶ୍ୟ ଗୁଡ଼ିକ ହାସଲ ହୋଇପାରିଲା ନାହିଁ ତା'ର କାରଣ କ'ଣ, ଏବଂ ସେ କାରଣ ଗୁଡ଼ିକ ଆପଣଙ୍କ ନିୟନ୍ତ୍ରଣ ଭିତରେ ବା ନିୟନ୍ତ୍ରଣ ବାହାରେ ଥିଲା ତାହା ଜାଣିବାକୁ ପଡ଼ିବ । ଭ୍ରମଣ ପୂର୍ବରୁ ଯେଉଁ ପରିସ୍ଥିତ ଆପଣ ଦେଖିଥିଲେ ତାହା ଭ୍ରମଣ ସମୟର ପରିସ୍ଥିତି ଠାରୁ ଭିନ୍ନ ଥିଲା କି ? ଭ୍ରମଣରେ ଯାଇଥିବା ଦଳ କ'ଣ ଆଶା ନକରିଥିବା ବ୍ୟବହାର ସବୁ ଦେଖାଇଥିଲେ କି ? ଭ୍ରମଣ କ'ଣ ପ୍ରାକୃତିକ ଘଟଣା ଯଥା ବର୍ଷା ଇତ୍ୟାଦି ଦ୍ୱାରା ପ୍ରଭାବିତ ହେଲା କି ?

ଟିପ୍ପଣୀ

ଶିକ୍ଷଣ କାର୍ଯ୍ୟ - ୧

୧. ଛାତ୍ରଛାତ୍ରୀମାନଙ୍କୁ ପର୍ଯ୍ୟବେକ୍ଷଣ ପାଇଁ, ପ୍ରଶ୍ନ ପଚାରିବା ଏବଂ ମୁଖ୍ୟ ଶବ୍ଦଗୁଡ଼ିକୁ, ଧାରଣା ଗୁଡ଼ିକୁ ଲିପିବଦ୍ଧ କରିବା ପାଇଁ ସମୟ ଦିଆଯିବା ଆବଶ୍ୟକ ଯେହେତୁ ସେମାନେ କ୍ଷେତ୍ର ପରିଭ୍ରମଣର ସମସ୍ତ ବିବରଣୀ ପୁସ୍ତିକାରେ ଲେଖିବେ ।

୨. ଭ୍ରମଣ ପାଇଁ ଖାଦ୍ୟ, ସ୍ୱତନ୍ତ୍ର ଯନ୍ତ୍ରପାତି ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ପଦାର୍ଥ ଗୁଡ଼ିକ ସାଙ୍ଗରେ ନିଅନ୍ତୁ ।

୩. ଭ୍ରମଣ ପାଇଁ ସହାୟତା ପ୍ରଦାନ କରିଥିବା ବ୍ୟକ୍ତିମାନଙ୍କୁ ବିଦ୍ୟାଳୟ ପ୍ରଶାସନ ଏବଂ ଅନ୍ୟମାନଙ୍କୁ ଧନ୍ୟବାଦ ଚିଠି ଲେଖିବେ ଓ ପଠେଇବେ । କ୍ଷେତ୍ର ପରିଭ୍ରମଣ ସମୟରେ ଶିଖିଥିବା ସ୍ୱତନ୍ତ୍ର ତଥ୍ୟ ଓ ପସନ୍ଦଯୋଗ୍ୟ ବସ୍ତୁ ସଂପର୍କରେ ମଧ୍ୟ ସେହି ପ୍ରଶଂସା ପତ୍ରରେ ଲେଖି ପଠେଇବେ ।

୪. ନାମ ଲେଖିଥିବା ଟ୍ୟାଗ ଦେବେ ।

୫. ଭ୍ରମଣ ଖାତା ଦେବେ ଯେଉଁଥିରେ ପଚାରିଥିବା ପ୍ରଶ୍ନର ଉତ୍ତର ଲେଖିବେ ।

୬. କ୍ଷେତ୍ର ପରିଭ୍ରମଣ ପଦ୍ଧତିରେ ଯେଉଁ ପରିବେଶ ଶିକ୍ଷାର ପ୍ରତ୍ୟୟ(ଧାରଣା)ଗୁଡ଼ିକୁ ପଢାଇହେବ, ସେହି ପ୍ରସଙ୍ଗଗୁଡ଼ିକର ଚିହ୍ନଟିକରଣ କରନ୍ତୁ ।

୭. ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଏକ ସାଥୀ ସହିତ ଯୋଡନ୍ତୁ ।

୮. ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ସାଧାରଣ ପଯ୍ୟବେକ୍ଷଣ ଅନୁଭୂତି ଓ କ୍ଷେତ୍ର ପରିଭ୍ରମଣ ଜନିତ ଅନୁଭୁତିକୁ ବିନିମୟ କରିବାପାଇଁ ସମୟ ଦିଅନ୍ତୁ ।

୯. ପର୍ଯ୍ୟବେକ୍ଷଣ ଫର୍ଦ୍ଦ ବା ଶିକ୍ଷଣ କାର୍ଯ୍ୟ ଫର୍ଦ୍ଦ ପ୍ରସ୍ତୁତ କରନ୍ତୁ ।

୧୦. ଅଧ୍ୟୟନ କରିବାକୁ ଥିବା ବିଷୟବସ୍ତୁ ଲିପିବଦ୍ଧ କରି ଆଣିବା ସୂଚନା, କରିବାକୁ ଥିବା ଶିକ୍ଷଣ କାର୍ଯ୍ୟ ଏବଂ ସାଙ୍ଗରେ ନେବା ସାମଗ୍ରୀ ସଂପର୍କରେ ଆବଶ୍ୟକୀୟ ସୂଚନା ପ୍ରଦାନ କରନ୍ତୁ ।

୧୧. ପ୍ରାଥମିକ ଚିକିତ୍ସା ପାଇଁ କିଛି ଔଷଧ ରଖନ୍ତୁ ।

୧୨. ଶ୍ରେଣୀରେ ବିବରଣୀ ବୋର୍ଡ଼ର ବ୍ୟବସ୍ଥା କରିବେ ଯେଉଁ ଥିରେ ଶିକ୍ଷାର୍ଥୀ ପ୍ରସ୍ତୁତ କିମ୍ବା ସଂଗ୍ରହ କରିଥିବା ସାମଗ୍ରୀକୁ ପ୍ରଦର୍ଶିତ କରାଯିବ ।

୧୩. କ୍ଷେତ୍ର ପରିଭ୍ରମଣ କାର୍ଯ୍ୟକ୍ରମର ସୂଚୀ ପ୍ରସ୍ତୁତ କରିବେ ।

୧୪. ସାଙ୍ଗରେ ଗୋଟିଏ ଜରୁରୀକାଳୀନ ବାକ୍ସ ନେବାକୁ ହେବ ।

୧୫. କ୍ଷେତ୍ର ପରିଭ୍ରମଣ ପାଇଁ ସ୍ଥାନ ଏବଂ ସମୟ ଧାର୍ଯ୍ୟ କରାଯିବ ।

୧୬. ପିତାମାତାଙ୍କୁ ଚିଠି ଦେବେ, ଦାୟିତ୍ୱ ଏବଂ କାର୍ଯ୍ୟ ନ୍ୟସ୍ତ କରିବେ ।

୧୭. କ୍ଷେତ୍ର ପରିଭ୍ରମଣର ଉଦ୍ଦେଶ୍ୟ ଏବଂ ଅଧ୍ୟୟନ କରିବାର ଦିଗ ଗୁଡ଼ିକୁ ସ୍ଥିର କରିବେ ।

୧୮. ସବୁ ପିଲାଙ୍କର ନାମ ଓ ଘରର ଫୋନ୍ ନମ୍ବର ଲେଖି ଏକ ତାଲିକା ପ୍ରସ୍ତୁତ କରିବେ । ଅକସ୍ମାତ୍ କିଛି ବିପଦ ବା ଆବଶ୍ୟକୀୟ ସ୍ଥଳେ ଘରର ଫୋନ୍ ନମ୍ବରର ବ୍ୟବହାର କରାଯାଇପାରିବ ।

୧୯. କ୍ଷେତ୍ର ପରିଭ୍ରମଣ ସମୟରେ ଘଟିଥିବା ସମସ୍ତ ଘଟଣା ଉପରେ ଏକ ଛୋଟ ଖବରଟିଏ ଲେଖ । ସ୍ଥାନୀୟ ଖବରକାଗଜରେ, ବିଦ୍ୟାଳୟର ବୁଲେଟିନ୍ ବୋର୍ଡ଼ରେ ଖବରଟିକୁ ପ୍ରକାଶିତ କରାନ୍ତୁ ଓ ପିତାମାତାଙ୍କ ଦିବସରେ ତାହା ଉପସ୍ଥାପନ କରନ୍ତୁ କିମ୍ବା ୱେବପେଜ୍‌ରେ ଛାଡ଼ନ୍ତୁ ।



ଟିପ୍ପଣୀ

୨୦. ପରିଭ୍ରମଣ ସମୟରେ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡିକର ଯୋଜନା କରନ୍ତୁ ।

୨୧. କ୍ଷେତ୍ର ପରିଭ୍ରମଣ ସମୟରେ ଶିକ୍ଷାର୍ଥୀମାନେ ସଂପୂର୍ଣ୍ଣ କରିସାରିଥିବା ନ୍ୟସ୍ତ କାର୍ଯ୍ୟ ଗୁଡ଼ିକର ସଂପର୍କରେ ତଥ୍ୟ ବିନିମୟ କରନ୍ତୁ ।

୨୨. ଅନେକ ଶୈକ୍ଷିକ ଦିଗ ସହିତ କ୍ଷେତ୍ର ପରିଭ୍ରମଣ କାର୍ଯ୍ୟକ୍ରମକୁ ଯୋଡନ୍ତୁ । କ୍ଷେତ୍ର ପରିଭ୍ରମଣ ସମୟର ପର୍ଯ୍ୟବେକ୍ଷଣ କରିଥିବା ତଥ୍ୟକୁ ଲିପିବଦ୍ଧ କରି ଶ୍ରେଣୀ ବିବରଣୀ ପୁସ୍ତକରେ ଲେଖନ୍ତୁ ।

ଉପରୋକ୍ତ ସମସ୍ତ କାର୍ଯ୍ୟର ତାଲିକା ପ୍ରସ୍ତୁତ କରି କ୍ଷେତ୍ର ପରିଭ୍ରମଣ ପାଇଁ ତିନୋଟି ସୋପାନରେ ଯଥା - ଯୋଜନା, କ୍ଷେତ୍ର ପରିଭ୍ରମଣ ସମୟରେ କାର୍ଯ୍ୟ, କ୍ଷେତ୍ର ପରିଭ୍ରମଣ ପରବର୍ତ୍ତୀ କାର୍ଯ୍ୟକ୍ରମ, ଉପରେ ସ୍ଥିର କରନ୍ତୁ ।

କ୍ଷେତ୍ର ପରିଭ୍ରମଣ ଶ୍ରେଣୀଗୃହ ଜୀବନ ସହିତ ବାସ୍ତବ ଦୁନିଆକୁ ସଂଯୋଜିତ କରିଥାଏ । ପରିବେଶୀୟ ସଚେତନ ସ୍ଥଳ ଭ୍ରମଣ ପାଇଁ ଗଲେ ବାସ୍ତବ ପରିବେଶକୁ ପର୍ଯ୍ୟବେକ୍ଷଣ କରିବାକୁ ଓ ଅନୁଭୂତି ସଂଗ୍ରହ କରିବାକୁ ସୁଯୋଗ ମିଳିଥାଏ । ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ପାରିବେଶିକ ସଚେତନ ସୃଷ୍ଟି କରିବାରେ, ଅଂଶ ଗ୍ରହଣ କରିବା ପାଇଁ ପ୍ରୋତ୍ସାହିତ କରିବାରେ ଏବଂ ଅନୁସନ୍ଧାନ କୌଶଳର ସୃଷ୍ଟି କରିବାରେ ଏଥିରେ ପର୍ଯ୍ୟାପ୍ତ ସୁଯୋଗ ଥାଏ ।

## ୬.୮ ପରିବେଶ ଶିକ୍ଷାର ଶିକ୍ଷାଦାନ ଓ ଶିକ୍ଷଣ ପାଇଁ ପରୀକ୍ଷଣ

ପରୀକ୍ଷଣ ଶବ୍ଦଟି ଲାଟିନ୍ ଶବ୍ଦରୁ ଆସିଛି ଯାହାର ଅର୍ଥ ହେଉଛି 'ଚେଷ୍ଟା କରିବା' କିମ୍ବା ପରୀକ୍ଷା କରିବା । ପରୀକ୍ଷଣ ସାଧାରଣତଃ କାରଣ - ପ୍ରଭାବ ସଂପର୍କ ପ୍ରତିଷ୍ଠା କରିଥାଏ । ଅନୁସନ୍ଧାନ, ପର୍ଯ୍ୟବେକ୍ଷଣ, ନିର୍ଯ୍ୟାସ ଏବଂ ପୂର୍ବାନୁମାନର ପରୀକ୍ଷା କରିବା ଏଥିରେ ଅର୍ନ୍ତଭୁକ୍ତ । ଏହା ଯନ୍ତ୍ରପାତିର ପରୀକ୍ଷଣ ପରି କଷ୍ଟକର ପରୀକ୍ଷଣ ନୁହେଁ । ଏହା ଏକ ପରୀକ୍ଷଣ ଯାହା ନିର୍ଦ୍ଧାରିତ ସମୟ ମଧ୍ୟରେ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ପଢାଇବା ପାଇଁ ପ୍ରଯୁଜ୍ୟ ।

### ୬.୮.୧ ପରିବେଶ ଶିକ୍ଷା ପାଇଁ ଉପଯୁକ୍ତତା

ପରୀକ୍ଷଣଗୁଡିକ ସାହାଯ୍ୟକାରୀ ହେବ:

- ଅମୂର୍ତ୍ତ ବିଷୟବସ୍ତୁକୁ ପିଲାମାନଙ୍କ ବୁଝିବା ପାଇଁ ସାମର୍ଥ୍ୟ ପ୍ରଦାନ କରିବାରେ ।
- ବୈଜ୍ଞାନିକ ମନୋବୃତ୍ତିର ବିକାଶ କରିବା, ଅନୁମାନିକ ସିଦ୍ଧାନ୍ତ ନେବା ଏବଂ ଆବିଷ୍କାର କରିବାପାଇଁ ସମର୍ଥ କରିବାରେ ।
- ପର୍ଯ୍ୟବେକ୍ଷଣ କୌଶଳ ଏବଂ ବିଶ୍ଳେଷଣାତ୍ମକ ଚିନ୍ତନ କୌଶଳରେ ଉନ୍ନତି ଆଣିବାରେ ।
- ବାସ୍ତବ ଜ୍ଞାନ ପ୍ରଦାନ କରିବାରେ ।
- ଆହରଣ କରିଥିବା ତଥ୍ୟ ଭିତ୍ତିକ ଜ୍ଞାନକୁ ପ୍ରୟୋଗ କରିବାରେ ।

### ୬.୮.୨ ଆହ୍ୱାନ

- ଶିକ୍ଷକଙ୍କୁ ପୂର୍ବରୁ ପ୍ରସ୍ତୁତ ହେବାକୁ ପଡିବ ।
- ପ୍ରତ୍ୟେକ ପିଲାକୁ ପରୀକ୍ଷଣ କରିବା ପାଇଁ ଆପଣ ଦେଇ ନପାରନ୍ତି, ତେଣୁ ଆପଣ ଅଧିକାଂଶ ପିଲାଙ୍କୁ ପର୍ଯ୍ୟବେକ୍ଷଣ କରିବାରେ ଅର୍ନ୍ତଭୁକ୍ତ କରିବେ ।
- ଯେତେବେଳେ ଅନେକ ପରୀକ୍ଷଣ ପିଲାମାନେ ଶ୍ରେଣୀରେ /ଘରେ କରିପାରନ୍ତି, କେତେକ ପରୀକ୍ଷଣ ପାଇଁ ଯନ୍ତ୍ରପାତି ଓ ଉପକରଣ ଆବଶ୍ୟକ ହୋଇପାରେ କିମ୍ବା ପରୀକ୍ଷାଗାରର ସୁବିଧା ସୁଯୋଗ ଆବଶ୍ୟକ ହୋଇଥାଏ ।

କେତେକ ପରୀକ୍ଷଣ ବୟସ୍କବ୍ୟକ୍ତିଙ୍କ ଅବିରତ ତଦାରଖ ଏବଂ ପଥପ୍ରଦର୍ଶନ କରିବା ଆବଶ୍ୟକ କରେ ଏବଂ କେତେକ ନିର୍ଦ୍ଧିଷ୍ଟ ସାବଧାନତା ଅବଲମ୍ବନ କରିବାକୁ ମଧ୍ୟ ପଡିଥାଏ । ଜଣେ ଶିକ୍ଷକ ହିସାବରେ ଆପଣଙ୍କୁ ମଧ୍ୟ ସେହି କାର୍ଯ୍ୟ କରିବାକୁ ହେବ ।

୬.୮.୩ ପରୀକ୍ଷଣର ଏକ ଉଦାହରଣ

ମୃତ୍ତିକା ସଂରକ୍ଷଣ

ଉଦାହରଣ ସ୍ୱରୂପ ଆପଣ ଶିକ୍ଷାର୍ଥୀମାନଙ୍କୁ ଗଛର ମୂଳ କିପରି ଉପରିସ୍ଥ ମୃତ୍ତିକାକୁ ସୁରକ୍ଷା ପ୍ରଦାନ କରେ ବୁଝିବାରେ ସାହାର୍ଯ୍ୟ କରିବା ପାଇଁ ନିମ୍ନଲିଖିତ ପରୀକ୍ଷଣଟିକୁ କରିପାରନ୍ତି ।

ଦୁଇଟି କାର୍ଡ୍‌ବୋର୍ଡ୍ କିମ୍ବା କାଠର ବାକ୍ସ କିମ୍ବା ଟ୍ରେ ନିଅନ୍ତୁ ଯାହା ୯୦ ସେ.ମି x ୫୦ ସେ.ମି x ୧୫ସେ.ମି ହୋଇଥିବ । ପାଣି ବାହାରି ନଯିବା ପାଇଁ ଚାରିପଟେ ପ୍ଲାଷ୍ଟିକ ଚଦର ବିଛାନ୍ତୁ । ଏହି ପ୍ଲାଷ୍ଟିକ ଚଦରକୁ ପୁରୁଣା ପ୍ଲାଷ୍ଟିକ ବ୍ୟାଗକୁ କାଟି କରି ଖୋଲନ୍ତୁ ଏବଂ ତାର ଧାରକୁ ଜଳୁଥିବା ମହମବତୀରେ ଦେଖାଇ ସିଲ୍ କରିଦିଅନ୍ତୁ । ପ୍ରତି ବାକ୍ସରେ ଗୋଟିଏ ପ୍ରାନ୍ତରୁ 'V' ଆକୃତିର କାଟି ୧୦ ସେ.ମି ଗଭୀରତାର ଗାତ କରି ପାଣି ସେହି ପଥ ଦେଇ ଗ୍ଲାସ୍ ଜାର୍‌କୁ ଯିବାପାଇଁ ପ୍ରସ୍ତୁତ କରନ୍ତୁ ।

ପ୍ରତି ବାକ୍ସରେ ୩-୪ ସେ.ମି ର ଇଟାଖଣ୍ଡ ଏବଂ ବାଲିଗରଡା ଭର୍ତ୍ତି କରି, ତା ଉପରେ ୩-୪ ସେ.ମି ପରସ୍ତ ଖତ ପକାନ୍ତୁ ।

ଗୋଟିଏ ବାକ୍ସରେ ଶୋରିଷ ମଞ୍ଜି ଦିଅନ୍ତୁ ବା ଅନ୍ୟ ମଞ୍ଜି ଯେଉଁଥିରେ ଶୀଘ୍ର ଗଜା ହୁଏ ତାକୁ ପକାଇ ପାରିବେ । ଅନ୍ୟ ବାକ୍ସଟିକୁ ଖାଲି ରଖନ୍ତୁ । ମଞ୍ଜି ବୁଣା ହୋଇଥିବା ବାକ୍ସରେ ଗଛଗୁଡ଼ିକ ୮-୧୦ ସେ.ମି. ଉଚ୍ଚତା ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ପାଣି ଚିଞ୍ଚନ୍ତୁ ।

ବର୍ତ୍ତମାନ ଦୁଇଟି ଯାକ ବାକ୍ସକୁ ଆଣି ଟେବୁଲର ଧାରକୁ ଲଗାଇ ରଖନ୍ତୁ । ବାକ୍ସର ଅନ୍ୟ ପ୍ରାନ୍ତର ତଳେ ଖଣ୍ଡିଏ ଖଣ୍ଡିଏ ଇଟା ବା କାଠି ତଳେ ରଖନ୍ତୁ ଯାହା ଫଳରେ ବାକ୍ସ ଦୁଇଟି ଆଗକୁ ଅଣେଇ / ଢଳି କରି ରହିବ । ଦୁଇଟି ଖାଲି କାଚ ଜାର୍ ଆଣି ଟେବୁଲ ପାଖକୁ ବାକ୍ସର ତଳକୁ ରଖନ୍ତୁ (ଯେପରି ଚିତ୍ରର ଦେଖାଯାଇଛି) । ବର୍ତ୍ତମାନ, ଦୁଇଟି ବାକ୍ସରେ ସମାନ ଭାବେ ପାଣି ଢାଳନ୍ତୁ ବା ଭର୍ତ୍ତି କରନ୍ତୁ ।




ଚିତ୍ର - ୧ : ମୃତ୍ତିକା ସଂରକ୍ଷଣ

ଦୁଇଟିଯାକ କାଚ ଜାର୍‌ରେ ପଡିଥିବା ଓ ସଂଗୃହୀତ ହୋଇଥିବା ପାଣିକୁ ଦେଖନ୍ତୁ । ଦୁଇଟି ଯାକ ଜାରରେ ଥିବା ପାଣିର ପରିମାଣ ଓ ଗୁଣାବଳୀରେ ପାର୍ଥକ୍ୟକୁ ପରିଲକ୍ଷିତ କରନ୍ତୁ ।

ବର୍ତ୍ତମାନ ଆପଣ ନିଶ୍ଚିତ ଭାବେ କହିପାରିବେ ଯେ ଖାଲି ବାକ୍ସରୁ ନିଶ୍ଚିତ ଥିବା ପାଣିର ପରିମାଣ ଅପେକ୍ଷା ଗଛ ଉଠିଥିବା ବାକ୍ସରୁ ନିଗିଡ଼ି ଥିବା ପାଣିର ପରିମାଣ କମ୍ କାହିଁକି ? ଏବଂ ଖାଲିଥିବା ବାକ୍ସର ପାଣି ଗୋଳିଆ

କାହିଁକି ? ଗଛ ମାଟିରେ ଜଳକୁ ଧରି ରଖିବାରେ ସାହାଯ୍ୟ କରେ ଏବଂ ଉପର ସ୍ତରର ମାଟି ଧୋଇ ଯିବାରୁ ରକ୍ଷା କରେ ।

## ୬.୯: ସମସ୍ୟା ସମାଧାନ

ସମସ୍ୟା ସମାଧାନ କିମ୍ବା ସମସ୍ୟା ଭିତ୍ତିକ ଶିକ୍ଷଣ ହେଉଛି ଏକ ପଦ୍ଧତି ଯାହା ଶିକ୍ଷାର୍ଥୀମାନଙ୍କୁ ସମାଧାନରେ ପହଞ୍ଚିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥାଏ କିମ୍ବା ଗୋଟିଏ ନିର୍ଦ୍ଧିଷ୍ଟ ସମସ୍ୟା ପାଇଁ  ସମାଧାନର ଅନ୍ୟ ଉପାୟ ଶିଖାଇ ଥାଏ ।

ସମସ୍ୟା ସମାଧାନ ହେଉଛି ବୟସ୍କମାନଙ୍କ ପାଇଁ ଏକ ଅଧିକ ଫଳପ୍ରଦ ପନ୍ଥା । ଯଦି ପିଲାମାନଙ୍କୁ ଏହି ପ୍ରକାର ଅନୁଭୂତି ଭଲଭାବରେ ଦିଆଯିବ, ତାହା ହେଲେ ସେମାନଙ୍କୁ ଏହା ଗଣତାନ୍ତ୍ରିକ ଭାବେ ଦଳରେ ଅଂଶଗ୍ରହଣ କରି ମୁକ୍ତ-ସମସ୍ୟା ଗୁଡ଼ିକର ସମାଧାନ କରିବା ପାଇଁ ଉତ୍ତମ ଭାବେ ପ୍ରସ୍ତୁତ ହେବେ ।

### ୬.୯.୧ ସମସ୍ୟା ସମାଧାନର ସୋପାନ

ସମସ୍ୟା-ଆଧାରିତ ଶିକ୍ଷଣ, ଏହି ନାମ ସୂଚାଉ ଅଛି ଯେ, ଏହା ଗୋଟିଏ ସମସ୍ୟା କିମ୍ବା ଚିହ୍ନଟ କରାଯାଇଥିବା ପରିବେଶ ଜନିତ ସମସ୍ୟା ଉପରେ ଲକ୍ଷ୍ୟ ନିର୍ଦ୍ଧାରିତ କରିଥାଏ ଏବଂ ଏଥିରେ ଅନେକ ଗୁଡ଼ିଏ ସୋପାନ ଅନ୍ତର୍ଭୁକ୍ତ ହୋଇଥାଏ, ଯେପରିକି :

- ସମସ୍ୟାଟିକୁ ଚିହ୍ନଟ କରିବା, ବୁଝିବା ଏବଂ ବର୍ଣ୍ଣନା କରିବା ।
- ସମସ୍ୟାଟିର ନିର୍ଦ୍ଧିଷ୍ଟତା ନିରୂପଣ କର: ଏଥି ପାଇଁ ଶିକ୍ଷାର୍ଥୀମାନଙ୍କୁ ଚିହ୍ନଟ ହୋଇଥିବା ସମସ୍ୟା ସଂପର୍କିତ ତଥ୍ୟ ସଂଗ୍ରହ / ଗବେଷଣା କରିବାର ଆବଶ୍ୟକତା ପଡ଼ିଥାଏ ।
- ତଥ୍ୟ ଖୋଜିବା : ଯଦି ଆବଶ୍ୟକ ପଡେ ପିଲାମାନେ କ୍ଷେତ୍ର-କାର୍ଯ୍ୟ, ଅନୁଧ୍ୟାନ, ପରୀକ୍ଷଣ, ଆଲୋଚନା କିମ୍ବା ପ୍ରକଳ୍ପଟିଏ କରିପାରନ୍ତି ।
- ସମସ୍ୟାକୁ ବିଶ୍ଳେଷଣ କରିବା : ତଥ୍ୟ ସଂଗ୍ରହ କରି ବ୍ୟାଖ୍ୟା କରିବା ଏବଂ ଆଲୋଚନା କରି ଏକ ସମାଧାନରେ କିମ୍ବା ବିକଳ୍ପ ସମାଧାନରେ ପହଞ୍ଚିବା । ଦଳଗତ ସର୍ବସମ୍ମତି ମାଧ୍ୟମରେ ଏକ ଅଧିକ ଯୁକ୍ତିଯୁକ୍ତ ସମାଧାନ ପାଖରେ ପହଞ୍ଚିହେବ ।
- କାର୍ଯ୍ୟ କରିବା ପାଇଁ ସମ୍ଭବପର ଉପାୟଗୁଡ଼ିକ ସଂପର୍କରେ ଆଲୋଚନା କରନ୍ତୁ : ପରବର୍ତ୍ତୀ ସୋପାନ ହେଉଛି ସମସ୍ୟା ସମାଧାନ ପାଇଁ ଏକ କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତ କରିବା । ବ୍ୟବହୃତ ପନ୍ଥାଗୁଡ଼ିକ ପରିସ୍ଥିତି ଓ ଦଳ ଅନୁଯାୟୀ ଭିନ୍ନ ଭିନ୍ନ ହୋଇପାରେ ।
- ଫଳାଫଳର ମୂଲ୍ୟାୟନ କରିବା : ଥରେ ସମାଧାନ ପାଖରେ ପହଞ୍ଚିଲା ପରେ ଫଳାଫଳକୁ ମୂଲ୍ୟାୟନ କରିବା ଗୁରୁତ୍ୱପୂର୍ଣ୍ଣ, କାରଣ, ଫଳାଫଳଟି ସମସ୍ୟାଟି ପାଇଁ କାର୍ଯ୍ୟକାରୀ କି କାର୍ଯ୍ୟକାରୀ ନୁହେଁ ତାହା ନିର୍ଣ୍ଣୟ କରିବା ଆବଶ୍ୟକ ।

### ୬.୯.୨ ପରିବେଶ ଶିକ୍ଷା ପାଇଁ ସମୁଚିତ କୌଶଳ

ସମସ୍ୟା ସମାଧାନ କୌଶଳ ଫଳପ୍ରଦ ହୁଏ:

- ପରିବେଶ ଜନିତ ସମସ୍ୟା ଉପରେ ବୁଝିବା ଶକ୍ତିର ବିକାଶ କରିବାରେ ।
- ପିଲାମାନଙ୍କ ମଧ୍ୟରେ ବହୁମୁଖୀ ଚିନ୍ତନ ଶକ୍ତିର ଉଦ୍ରେକ ପାଇଁ ସହାୟତା ପ୍ରଦାନ କରିବାରେ ।
- ଗୋଟିଏ ସମସ୍ୟା ଉପରେ ଭିନ୍ନଭିନ୍ନ ମତାମତକୁ ଗ୍ରହଣ କରିବାରେ ପିଲାମାନଙ୍କୁ ସାହାଯ୍ୟ କରିବାରେ ।

ଟିପ୍ପଣୀ

- ଦଳଗତ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ପିଲାମାନଙ୍କୁ ସମର୍ଥ କରାଇବାରେ ।
- ଶ୍ରେଣୀଗୃହରେ ପ୍ରକୃତ-ଜୀବନ ସହିତ ଜଡିତ ସମସ୍ୟା ଉପରେ ଆଲୋକପାତ କରାଇବାରେ ।
- ପିଲାମାନଙ୍କୁ ପରିବେଶ-ଉନ୍ନତିକୁ ନେଇ ଜଟିଳ ସମସ୍ୟା ଉପରେ ମୁକ୍ତ ଭାବେ ମତାମତ ଓ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ କରାଇବାରେ ।

## ୬.୧୦ ସାରାଂଶ

ବ୍ୟକ୍ତିମାନଙ୍କର ଶିକ୍ଷଣ ଧାରା ନିଜ ପସନ୍ଦ ଅନୁଯାୟୀ ହୋଇଥାଏ । ଶିକ୍ଷଣ ପ୍ରକ୍ରିୟା ଫଳପ୍ରଦ ଓ ସମୃଦ୍ଧିଶାଳୀ କରିବା ପାଇଁ କୌଣସି ଗୋଟିଏ ପଦ୍ଧତି ଏବଂ ଶିକ୍ଷଣ ସାମଗ୍ରୀ ନାହିଁ । ଜଣେ ଶିକ୍ଷକ ହିସାବରେ ଆପଣଙ୍କର ବିଭିନ୍ନ ଶିକ୍ଷଣ ପଦ୍ଧତି ଉପରେ ବୋଧଗମ୍ୟତା ଆପଣଙ୍କୁ ବିଭିନ୍ନ ପରିସ୍ଥିତିରେ ବ୍ୟବହାର କରିବା ପାଇଁ ସମର୍ଥ କରିବ ଏବଂ ଆପଣଙ୍କର କାର୍ଯ୍ୟ ଆଗ୍ରହ ଉଦ୍ଦୀପକ ହେବ । ଜଣେ ଶିକ୍ଷକ ଉପଯୁକ୍ତ ବିଭିନ୍ନ ପ୍ରକାରର ଶିକ୍ଷଣ ପଦ୍ଧତିକୁ ମିଶ୍ରଣ କରି ଏବଂ ଶିଖୁଥିବା ପ୍ରତ୍ୟୟ ଉପରେ, ଶିକ୍ଷାର୍ଥୀ ଓ ଶ୍ରେଣୀଗୃହ ସମ୍ବଳର ପ୍ରୟୋଗ କରିବାର କୌଶଳ ଅବଲମ୍ବନ କରି ନିଜର ଛାତ୍ରଛାତ୍ରୀଙ୍କ ପାଇଁ ଉତ୍ତମ ଶିକ୍ଷଣ ପରିବେଶ ସୃଷ୍ଟି କରିଥାନ୍ତି ।

ପୁନଶ୍ଚ, ଯେହେତୁ ପରିବେଶ ଅଧ୍ୟୟନ ହେଉଛି ଅନେକ ପାଠ୍ୟ ବିଷୟ ବସ୍ତୁ ଏକତ୍ରିତ, ପରିବେଶ ଅଧ୍ୟୟନ କ'ଣ ବହୁ ବିଷୟ ଭିତ୍ତିକ; ଏବଂ ପରିବେଶ ଶିକ୍ଷାର ଶିକ୍ଷଣ-ଶିକ୍ଷାଦାନ ପଦ୍ଧତି ହେଉଛି ଅଧିକ ମନୋବୃତ୍ତି ଏବଂ ମୂଲ୍ୟବୋଧ ସହିତ ଜ୍ଞାନ ଓ ସୂଚନାର ଯେପରି ସଂପର୍କିତ । ଏହା ଗୁରୁତ୍ୱପୂର୍ଣ୍ଣ ଯେ ପରିବେଶ ଶିକ୍ଷାରେ ପଦ୍ଧତିଗୁଡିକ ଶିକ୍ଷାର୍ଥୀଙ୍କୁ ଏକତ୍ର କାମ କରିବାକୁ, ଅନେକ ମତାମତକୁ ପରୀକ୍ଷଣ କରିବାକୁ, ବହିର ଧାରଣା ସହ ବାସ୍ତବ ଜୀବନ ସଂଯୋଗ ସ୍ଥାପନ କରିବାକୁ ଏବଂ ସକରାତ୍ମକ ପଦକ୍ଷେପ ନେବାକୁ ଅନୁମତି ପ୍ରଦାନ କରିଥାଏ । ଏହି ଏକକରେ ଆମେ କେତେକ ପଦ୍ଧତିକୁ ଉଦାହରଣ ସହ ବିସ୍ତୃତ ଭାବେ ଆଲୋଚନା କରିଛୁ ଓ ପ୍ରାଥମିକ ସ୍ତରରେ ପରିବେଶ ଶିକ୍ଷାଦାନ ଶିକ୍ଷଣ ପଦ୍ଧତିରେ ବ୍ୟବହୃତ ହୋଇଛି ।

## ୬.୧୧ ନିଜର ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

### ନିଜ ଅଗ୍ରଗତିର ଆକଳନ -୧

(କ) ପର୍ଯ୍ୟବେକ୍ଷଣ ପଦ୍ଧତିକୁ ପରିବେଶ ଶିକ୍ଷାର ଶିକ୍ଷାଦାନ - ଶିକ୍ଷଣର ଏକ ପଦ୍ଧତି ଭାବେ ବ୍ୟବହାର କରିବାର ଦୁଇଟି ଉପାଦେୟତା -

- ପିଲାମାନଙ୍କୁ ନିଜର ପରିବେଶରୁ ଆବିଷ୍କାର କରିବା ପାଇଁ ଉତ୍ସାହିତ କରିବା ।
- ପର୍ଯ୍ୟବେକ୍ଷଣ କୌଶଳର ବିକାଶ କରିବା ।
- ଶିକ୍ଷାର୍ଥୀ ଦେଖି, ଚିନ୍ତାକରି ଏବଂ ସଂପର୍କ ପ୍ରତିଷ୍ଠା କରିବା ପାଇଁ ଉତ୍ସାହିତ ହେବା ।
- ଶିକ୍ଷାର୍ଥୀମାନେ ସାମଞ୍ଜସ୍ୟ ଓ ପାର୍ଥକ୍ୟ ନିରୂପଣ କରିବା ପାଇଁ ସମର୍ଥ ହେବେ ।
- ବାସ୍ତବ ଏବଂ ସ୍ଥୁଳ ପରିସ୍ଥିତିରୁ ଏବଂ ବସ୍ତୁରୁ ଜ୍ଞାନ ଆହରଣ କରି ପାରିବେ ।
- ଶିକ୍ଷାର୍ଥୀଙ୍କୁ ସନ୍ତୋଷ ଦେଇଥାଏ ଏବଂ ଅନୁସନ୍ଧିତ୍ସୁ ମନୋଭାବ ବିକାଶ କରିଥାଏ ।

(ଖ) ମୁଖ୍ୟ ସୋପାନ ଗୁଡିକ (ଯେକୌଣସି ଦୁଇଟି)

- ଯୋଜନା ଏବଂ ପର୍ଯ୍ୟବେକ୍ଷଣ ପାଇଁ ପ୍ରସ୍ତୁତି
- ପ୍ରକୃତ ପର୍ଯ୍ୟବେକ୍ଷଣ

ଟିପ୍ପଣୀ

- ବିଶ୍ଳେଷଣ ଓ ବ୍ୟାଖ୍ୟାକରଣ
- ଫଳାଫଳର ସାଧାରଣୀକରଣ

**ନିଜ ଅଗ୍ରଗତିର ଆକଳନ -୨**

ଛୋଟଦଳରେ ସୃଜନାତ୍ମକ ପ୍ରକାଶ ନିମନ୍ତେ ପ୍ରୋତ୍ସାହିତ କରିବା ପାଇଁ, ସୃଜନାତ୍ମକ ପ୍ରକାଶରେ ପସନ୍ଦଗୁଡ଼ିକୁ ଜାଣିବା, ଦଳଗତ କାର୍ଯ୍ୟକୁ ଉତ୍ସାହିତ କରିବା, ଆତ୍ମବିଶ୍ୱାସ ବୃଦ୍ଧିରେ ସାହାଯ୍ୟ କରିବା, ଚିନ୍ତା-ଶୂନ୍ୟ, ପ୍ରତିଯୋଗୀତା ବିହୀନ ବାତାବରଣ ସୃଷ୍ଟି କରିବା ଆନନ୍ଦଦାୟକ ଶିକ୍ଷଣ ପରିବେଶ ସୃଷ୍ଟି କରିବା ।

**ନିଜ ଅଗ୍ରଗତିର ଆକଳନ - ୩**

(କ) ପ୍ରସ୍ତାବିତ ସୁବିଧାଗୁଡ଼ିକ ହେଲା-

- ପ୍ରତ୍ୟେକ ଶିକ୍ଷାର୍ଥୀ ଆଲୋଚନାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ପାଇବେ ।
- ଏହି ପ୍ରଣାଳୀକୁ ଅନେକଗୁଡ଼ିକ ପଦ୍ଧତିର ସମ୍ମିଶ୍ରଣ କରି ବ୍ୟବହାର କରାଯାଇପାରିବ ।
- ପିଲାମାନଙ୍କୁ ପ୍ରଶ୍ନ ପଚାରିବାକୁ ସୁଯୋଗ ପ୍ରଦାନ କରା ଯାଇପାରିବ ।
- ଏହା ଶିକ୍ଷାର୍ଥୀମାନଙ୍କର ଆତ୍ମ-ବିଶ୍ୱାସ ଏବଂ ନେତୃତ୍ୱ ଗୁଣାବଳୀର ବିକାଶ କରିଥାଏ ।

(ଖ) ଛୋଟ ଦଳଗତ ଆଲୋଚନାକୁ ଫଳପ୍ରଦ ସହାୟତା ଦେବା ପାଇଁ ତିନୋଟି ମୁଖ୍ୟ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ (ତଳେ ଦିଆଯାଇଥିବା ଉଦାହରଣ ପରି ହୋଇପାରେ କିନ୍ତୁ ଏହା ବାଧ୍ୟତାମୂଳକ ନୁହେଁ । ପରିସ୍ଥିତି ଅନୁଯାୟୀ ଗୁରୁତ୍ୱପୂର୍ଣ୍ଣ ଭିନ୍ନଭିନ୍ନ ହୋଇପାରେ) ।

- ଦଳର ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଅତିକମ୍‌ରେ ଥରେ ନେତୃତ୍ୱ ନେବାର ସୁଯୋଗ ପ୍ରଦାନ କରେ ।
- ଜଣେ ପରାମର୍ଶଦାତା ଭାବେ ଦଳ ପାଇଁ କାର୍ଯ୍ୟ କରନ୍ତୁ, ସାହାଯ୍ୟ କରନ୍ତୁ, ମାର୍ଗ ଦେଖାନ୍ତୁ, ଶିକ୍ଷାର୍ଥୀଙ୍କୁ ଚିନ୍ତା କରିବାକୁ ପରାମର୍ଶ ଦିଅନ୍ତୁ ଏବଂ ଧାରଣାର ବିନିମୟ ପାଇଁ ସହାୟତା ପ୍ରଦାନ କରନ୍ତୁ ।
- ପ୍ରତି ଅଧିବେଶନରେ ଶେଷରେ ଆଲୋଚନା କରି ନିର୍ଯ୍ୟାସ ନିର୍ଣ୍ଣୟ କରନ୍ତୁ ।

## ୬.୧୨ ଅତିରିକ୍ତ ଅଧ୍ୟୟନ ନିମନ୍ତେ ପୁସ୍ତକ ସୂଚୀ


- Pandya, Mamata(2005); *Environmental Education in Schools (Module III)*; CEE and COL; India
- Raghunathan, Meena and Pandya Mamata (Eds.)( 1997); *The Green Teacher: Ideas, Experiences and Learnings in Educating for the Environment;* CEE; India
- Ravindranath, M.J(2007); *Environmental Education: A Resource Book for Teacher Educators (Level 2)*; CEE and NCTE; India
- *Resources and Opportunities for EE (Module IV)*( 2005); CEE and COL; India
- *Joy of learning, Handbook of Environmental Education, (standards 3 to 5 )* (1986) ; CEE,VASCSC,VIKSAT, Darpana Academy of performing Arts; India
- www.learningguide.org; accessed on 20 March 2012

ଟିପ୍ପଣୀ

## ୬.୧୩ ପାଠାନ୍ତ ପ୍ରଶ୍ନାବଳୀ

୧. ପ୍ରାଥମିକ ସ୍ତରରେ ପରିବେଶ ଶିକ୍ଷାଦାନର ଶିକ୍ଷାଦାନ-ଶିକ୍ଷଣ ପାଇଁ ଛୋଟ ଦଳଗତ ଆଲୋଚନା କିମ୍ବା ପ୍ରକଳ୍ପ ପଦ୍ଧତି ବ୍ୟବହାର କରିବାର ଅନୁଭୂତି ବର୍ଣ୍ଣନା କର । ତୁମର ବର୍ଣ୍ଣନାରେ ତୁମେ ଜଣେ ଶିକ୍ଷକଭାବେ ତୁମର ପ୍ରତିଫଳନ ଥିବ, ଯାହା ଉପଯୁକ୍ତ କାମ କଲା ନାହିଁ ଓ ଭବିଷ୍ୟତ ପାଇଁ କିପରି ଯୋଜନା କରି ଉନ୍ନତ କରିପାରିବ ଲେଖ ।

୨. "ସୃଜନାତ୍ମକ ପ୍ରକାଶନ" କୁ ବ୍ୟବହାର କରି ପାଠ ଯୋଜନାଟିଏ ପ୍ରସ୍ତୁତ କର ଓ ଗୋଟିଏ ପାଠକୁ ଚିହ୍ନଟ କରି ଏହି ପଦ୍ଧତିରେ ପିଲାଙ୍କ ପାଖରେ ଉପସ୍ଥାପନା କର । ଗୋଟିଏ ସମ୍ଭବ ଯୋଗ୍ୟ ଆକଳନ କୌଶଳଟି ସେହି ଯୋଜନା ପାଇଁ ପ୍ରସ୍ତୁତ କରି ଅନ୍ୟମାନଙ୍କ ସହ ବିନିମୟ କର ।